ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା | ପୃଷ୍ଠା 8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୮୮ ● ୨୫ ଅପ୍ରେଲ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-88 ● 25th April 2024, Thursday ● Bhubaneswar

Licensed to post without pre-payment of postage No- BN-60/22-24

୬

କ୍ୟାମେରା ମ୍ୟାନ୍‌ଙ୍କ ଉପରକୁ ବୋତଲ୍ ଉଠାଇଲେ କ୍ୟାପଟେନ୍ କୁଲ୍

ସାମରିକ ସାମର୍ଥ୍ୟକୁ ମଜଭୁତ କରୁଛି ଭାରତ, କରୁଛି ନୂତନ କ୍ଷେପଣାସ୍ତ୍ର ପରୀକ୍ଷା

ନୂଆଦିଲ୍ଲୀ, ୨୪/୦୪

ଆମ ଦେଶ ନିଜର ସାମରିକ ସାମର୍ଥ୍ୟକୁ ମଜଭୁତ କରିବାରେ ଲାଗିଛି ଏବଂ ନୂଆ ନୂଆ କ୍ଷେପଣାସ୍ତ୍ର ପରୀକ୍ଷା କରୁଛି । ଭାରତୀୟ ବାୟୁସେନା ବର୍ତ୍ତମାନ ଏକ ଅନନ୍ୟ କ୍ଷମତା ପ୍ରଦାନ କରୁଥିବାରୁ 'ମେକ୍ ଇନ୍ ଇଣ୍ଡିଆ' ମାଧ୍ୟମରେ ବହୁ ସଂଖ୍ୟକ ଇସ୍ରାଏଲ୍ କ୍ଷେପଣାସ୍ତ୍ର ନିର୍ମାଣ କରିବାକୁ ଯୋଜନା କରୁଛି ।

ଭାରତ କ୍ରମାଗତ ଭାବରେ ନିଜର କ୍ଷେପଣାସ୍ତ୍ର ଶକ୍ତି ବୃଦ୍ଧି କରି ଚାଲିଛି । ଦେଶ ନିଜର ସାମରିକ ସାମର୍ଥ୍ୟକୁ ମଜଭୁତ କରିବା ସହ ନୂତନ କ୍ଷେପଣାସ୍ତ୍ର ପରୀକ୍ଷା କରୁଛି । ଏହି ସମୟରେ ଦେଶ ସଫଳତାର ସହ ଅନ୍ୟ ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ଏକ ନୂତନ ସଂସ୍କରଣ ଉତ୍କ୍ଷେପଣ କରିଛି । ଏହି କ୍ଷେପଣାସ୍ତ୍ର ୨୫୦ କିଲୋମିଟରରୁ ଅଧିକ ଦୂରତାରେ ଟାର୍ଗେଟକୁ ଭେଦ କରିବାର କ୍ଷମତା ରଖିଛି । କ୍ଷେପଣାସ୍ତ୍ର ଉତ୍କ୍ଷେପଣରେ ଏହାର ସମସ୍ତ ମାନ୍ୟତା ପୂରଣ କରିପାରିଛି ।

ଭାରତୀୟ ବାୟୁସେନା ଦ୍ୱାରା ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ପରୀକ୍ଷିତ ଏହି କ୍ଷେପଣାସ୍ତ୍ର ହେଉଛି ଇସ୍ରାଏଲର ମୂଳ କ୍ରିଷ୍ଟାଲ ମ୍ୟାଜେ ୨, ଏହା ଆକାଶ ମାର୍ଗରୁ ନିକ୍ଷେପଣ କରାଯାଇ ପାରୁଥିବା ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର । ଏହା ରକ୍ଷ ଭାବରେ ମଧ୍ୟ ଜଣାଶୁଣା । ଆଣ୍ଡାମାନ ଏବଂ ନିକୋବରରେ ଏହାର ଆହୁରି ପରୀକ୍ଷା ଫାୟାରିଂ ପାଇଁ ପ୍ରସ୍ତୁତି ଚାଲିଛି । କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ଭାରତୀୟ ବାୟୁସେନା ବର୍ତ୍ତମାନ ଏକ ଅନନ୍ୟ କ୍ଷମତା ପ୍ରଦାନ କରୁଥିବା 'ମେକ୍ ଇନ୍ ଇଣ୍ଡିଆ' ମାଧ୍ୟମରେ ବହୁ ସଂଖ୍ୟକ ଇସ୍ରାଏଲ୍ କ୍ଷେପଣାସ୍ତ୍ର ହାସଲ କରିବାକୁ ଯୋଜନା କରୁଛି ।

ଏହି କ୍ଷେପଣାସ୍ତ୍ରକୁ ଭାରତୀୟ ବାୟୁସେନା ଦ୍ୱାରା ସୁ-୩୦ ଯୁଦ୍ଧ ବିମାନରୁ ନିକ୍ଷେପ କରାଯାଇଥିଲା । ଏହି କ୍ଷେପଣାସ୍ତ୍ର ଉପରକୁ ଯାଏ ଏବଂ ତା'ପରେ ଅତି ତୀବ୍ର ବେଗରେ ଏହାର ଲକ୍ଷ୍ୟ ଆଡକୁ ଗତି କରିଥାଏ । କ୍ଷେପଣାସ୍ତ୍ର ଉତ୍କ୍ଷେପଣରେ ଏହାର ସମସ୍ତ ମାନ୍ୟତା ପୂରଣ କରିଛି । ଅତୀତରେ ମଧ୍ୟ ଭାରତ ଅନେକ ଉନ୍ନତ କ୍ଷେପଣାସ୍ତ୍ରକୁ ସଫଳତାର ସହ ପରୀକ୍ଷଣ କରିଛି । ଅକାଶମାର୍ଗରୁ ନିକ୍ଷେପଣ କ୍ରିଷ୍ଟାଲ୍ ମ୍ୟାଜ୍ ୨ ହେଉଛି ଏକ ବିସ୍ତାରିତ ଷ୍ଟାଣ୍ଡ-ଅଫ୍ ରେଞ୍ଜ୍ ଏୟାର-ଟୁ-ସରଫେସ କ୍ଷେପଣାସ୍ତ୍ର । ଭାରତୀୟ ବାୟୁସେନା ଦ୍ୱାରା ଉଚ୍ଚ ମୂଲ୍ୟର ସ୍ଥିର ତଥା ଚଳପ୍ରଚଳ ଲକ୍ଷ୍ୟ ଉପରେ ଆକ୍ରମଣ କରିବା ପାଇଁ ଯୋଜନା କରାଯାଇଛି, ଯେପରିକି ଦୂର ଦୂରଗାମୀ ରାଡାର ଏବଂ ଭାରତୀୟ ଶତ୍ରୁମାନଙ୍କର ବାୟୁ ପ୍ରତିରକ୍ଷା ପ୍ରଣାଳୀ । ଏହି କ୍ଷେପଣାସ୍ତ୍ର ଜିପିଏସ୍-ଅସ୍ୱୀକାର ପରିବେଶରେ ଟାର୍ଗେଟ ବିରୋଧରେ ପ୍ରଭାବଶାଳୀ ବୋଲି ଦାବି କରାଯାଇଛି, ଯେହେତୁ ଭାରତ କାର୍ଗିଲ ଯୁଦ୍ଧରେ ସମ୍ମୁଖୀନ ହୋଇଥିଲା । ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦ୍ୱାରା ସୁରକ୍ଷିତ ଅଞ୍ଚଳରେ ମଧ୍ୟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ସେମାନଙ୍କ ଲକ୍ଷ୍ୟ ବିରୁଦ୍ଧରେ ପ୍ରଭାବଶାଳୀ ହୋଇପାରେ ।

ହିଞ୍ଜିଳିରୁ ଆରମ୍ଭ ହେଲା ବିଜୁ ଜନତା ଦଳର ବିଜୟ ଅଭିଯାନ

ହିଞ୍ଜିଳି, ୨୪/୦୪

ନ୍ୟୁଜ ବ୍ୟୁରୋ

ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ହିଞ୍ଜିଳି-ଶେରଗଡରେ ବିରାଟ ଜନସଭା ସହ ବୁଧବାର ବିଜୁ ଜନତା ଦଳର ବିଜୟ ଶଙ୍ଖ ଫୁଙ୍କିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ହିଞ୍ଜିଳି ଓ ଶେରଗଡରେ ଦୁଇଟି ବିରାଟ ଜନସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବିଜୁ ଜନତା ଦଳର ବିଜୟ ଅଭିଯାନର ଶୁଭାରମ୍ଭ କରିଛନ୍ତି ।

ଏହି ଅବସରରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ନବୀନ ପଟ୍ଟନାୟକ କହିଛନ୍ତି ଯେ ଯୋଡି ଶଙ୍ଖ ହେଉଛି ଓଡ଼ିଶାର ପରିଚୟ । ଯୋଡି ଶଙ୍ଖ ହେଉଛି ବିକାଶର ପରିଚୟ ବୋଲି ମତଦେଇ ସେ କହିଥିଲେ ଯେ ଓଡ଼ିଶାର ସାଢେ ଚାରି କୋଟି ଲୋକଙ୍କ ଆଶୀର୍ବାଦରେ ବିଜୁ ଜନତା ଦଳ ଚଳିତ ନିର୍ବାଚନରେ ଉଭୟ ବିଧାନସଭା ଓ ଲୋକସଭାରେ ବିପୁଳ ବିଜୟ ହାସଲ କରିବ । ସେ କହିଥିଲେ ଯେ ବିଜୁ ଜନତା ଦଳ ସବୁବେଳେ ଏକ ନମ୍ବର ଦଳ ହୋଇ ରହିଆସିଛି । ଜନତାଙ୍କ ଆଶୀର୍ବାଦରେ ଏହି ନିର୍ବାଚନରେ ମଧ୍ୟ ପୁଣି ଥରେ ଏକ ନମ୍ବର ହେବ ଓ ବିକାଶର ଯାତ୍ରାକୁ ଆହୁରି ମଜଭୁତ କରିବ ।

ହିଞ୍ଜିଳିବାସୀଙ୍କୁ ଧନ୍ୟବାଦ ଜଣାଇ ସେ କହିଥିଲେ ଯେ ସାଢେ ଚାରି କୋଟି ଓଡ଼ିଶାବାସୀ ହେଉଛନ୍ତି ତାଙ୍କର ପରିବାର । ଏହି ସାଢେ ଚାରି କୋଟି ପରିବାର ସଦସ୍ୟଙ୍କ କଲ୍ୟାଣ ପାଇଁ ମୁଁ ସବୁବେଳେ କାମ କରିଚାଲିଛି ଓ ଶେଷ ପର୍ଯ୍ୟନ୍ତ କରିଚାଲିବି ବୋଲି ସେ କହିଥିଲେ ।

ସେ ପୁଣି କହିଥିଲେ ଯେ ହିଞ୍ଜିଳି-ଶେରଗଡ ଆଜି ସାରା ଦେଶରେ ବିକାଶର ଏକ ମଡେଲ ହୋଇଛି । ୫-ଟି ରୂପାନ୍ତର ଯାତ୍ରାରେ ହିଞ୍ଜିଳି ଶେରଗଡ଼ ବାସୀଙ୍କ ସହଯୋଗର ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ ।

ସେ କହିଥିଲେ ଯେ ଓଡ଼ିଶାର ଚାଷୀମାନେ, ମିଶନ ଶକ୍ତିର ମା'ମାନେ ଜିରୋ ପରସେଣ୍ଟ ସୁଧରେ ଋଣ ପାଉଛନ୍ତି । ସଶକ୍ତ ଓଡ଼ିଶା ଗଠନ ଦିଗରେ ଏହା ଏକ ମାଇଲଖୁଣ୍ଟ । ଯୁବଶକ୍ତି ଉପରେ ନିଜର ଭରସା ପ୍ରକାଶ କରି ସେ କହିଥିଲେ ଯେ ରାଜ୍ୟର ବିକାଶରେ ଯୁବଶକ୍ତିର ଉପଯୋଗ ପାଇଁ ରାଜ୍ୟରେ ସ୍ୱତନ୍ତ୍ର ଯୁବ ବଜେଟ ଅସିବ । ୨୦୨୪ ରୁ ୨୦୩୪ ଏହି ଦଶକ ହେବ ଯୁବଶକ୍ତି ପାଇଁ ସୁବର୍ଣ୍ଣ ଯୁଗ । ଯୁବ ବଜେଟରେ ଶିଳ୍ପ, *(ପୃଷ୍ଠା ୭ରେ)*

ମେ' ୬ରୁ ଓଜେଇଇ ପରୀକ୍ଷା

ଭୁବନେଶ୍ୱର, ୨୪/୦୪

ନ୍ୟୁଜ ବ୍ୟୁରୋ

ଓଜେଇଇ ପରୀକ୍ଷା ପାଇଁ ତାରିଖ ଘୋଷଣା ହୋଇଛି । ଆସନ୍ତା ମେ' ୬ରୁ ଏହି ପରୀକ୍ଷା ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ରାଜ୍ୟ ଭିତରେ ୩୦ଟି ଓ ରାଜ୍ୟ ବାହାରେ ୩ଟି କେନ୍ଦ୍ରରେ ଓଜେଇଇ ପରୀକ୍ଷା ହେବ । ତିନିଟି ସିଫ୍ଟରେ ଏହି ପରୀକ୍ଷା ହେବ । ସାଢ଼େ ୮ଟାରୁ ସାଢ଼େ ୧୦ଟା, ସାଢ଼େ ୧୨ଟାରୁ ସାଢ଼େ ୨ଟା, ଏବଂ ସାଢ଼େ ୪ଟାରୁ ସାଢ଼େ ୬ଟା ଯାଏ ଏହି ପରୀକ୍ଷା ଚାଲିବ ।

ରାଜ୍ୟରେ ଥିବା ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ଓ କଲେଜର ବି.ଫାର୍ମା, ଏମସିଏ, ଏମ୍.ଏସସି (କମ୍ପ୍ୟୁଟର ସାଇନ୍ସ), ଏମ୍.ବିଏ, ଇଣ୍ଟିଗ୍ରେଟେଡ୍ ଏମ୍.ବିଏ, ବି.ଟେକ, ଏମ୍.ଟେକ୍, ଏମ୍.ଟେକ୍ (ପାର୍ଟ-ଟାଇମ୍), ଏମ୍.ଆର୍କ, ଏମ୍.ପ୍ଲାନ୍, ଏମ୍.ଫାର୍ମା ଓ ଲାଟେରାଲ ଏଣ୍ଟ୍ରି ବି.ଟେକ୍ ଓ ଲାଟେରାଲ୍ ଏଣ୍ଟ୍ରି ବି.ଫାର୍ମା ପାଠ୍ୟକ୍ରମରେ ନାମଲେଖା ଲାଗି ଏହି ପ୍ରବେଶିକା ପରୀକ୍ଷା କରାଯିବ । ମେ', ୬, ୭, ୮, ୯ ଓ ୧୦ ତାରିଖରେ କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ (ସିବିଟି) ମାଧ୍ୟମରେ ହେବ ପରୀକ୍ଷା ।

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

ବଢୁଛି ତାତି: ଭୁବନେଶ୍ୱର ସବୁଠୁ ଉତ୍ତପ୍ତ

ଭୁବନେଶ୍ୱର, ୨୪/୦୪

ନ୍ୟୁଜ ବ୍ୟୁରୋ

ସମଗ୍ର ରାଜ୍ୟରେ ଜାରି ରହିଛି ପ୍ରଚଣ୍ଡ ଖରା । ତତଲା କଡ଼େଇରେ ସିଝିବାରେ ଲାଗିଛନ୍ତି ରାଜ୍ୟବାସୀ । ଆସନ୍ତା ସପ୍ତାହେ ଯାଏ ଏପରି ତାତିରୁ ମିଳିବ ନାହିଁ କୌଣସି ଆଶ୍ୱସ୍ତି । ବୁଧବାର ମଧ୍ୟ ଉପକୂଳରୁ ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ଅସହ୍ୟ ତାତି ସମସ୍ତଙ୍କୁ କଲବଲ କରିଛି ।

ରାଜଧାନୀ ଭୁବନେଶ୍ୱର ପାଲଟିଛି ରାଜ୍ୟର ସବୁଠାରୁ ତତଲା ସହର । ଏଠାରେ ଦିନ ସାଢ଼େ ୨ଟା ସୁଦ୍ଧା ସର୍ବୋଚ୍ଚ ତାପମାତ୍ରା ୪୩.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି । ମଙ୍ଗଳବାର ରାଜଧାନୀରେ ପାରଦ ୪୧.୫ ଡିଗ୍ରୀ ରେକର୍ଡ କରାଯାଇଥିଲା । ଏହାର ଅର୍ଥ ଦିନକରେ ତାତି ୨ ଡିଗ୍ରୀ ବୃଦ୍ଧି ପାଇଛି । ସୋମବାର ଭୁବନେଶ୍ୱର ଦେଶର ସବୁଠାରୁ ଉତ୍ତପ୍ତ ସହର ବନିଥିଲା । ଏଠାରେ ପାରଦ ୪୩.୮ ଡିଗ୍ରୀ ରେକର୍ଡ କରାଯାଇଥିଲା ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଦିନ ସାଢ଼େ ୨ଟା ସୁଦ୍ଧା ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ଉପରେ ରେକର୍ଡ କରାଯାଇଛି । ଭୁବନେଶ୍ୱର ସବୁଠାରୁ ଉତ୍ତପ୍ତ ସହ ପାଲଟି ଥିବା ବେଳେ ଏହା ପଛକୁ ଝାରସୁଗୁଡ଼ା ରହିଛି । ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୨.୯ ଡିଗ୍ରୀ ରେକର୍ଡ ହୋଇଛି ।

ଚାନ୍ଦବାଲିରେ ୪୨.୨, ବାଲେଶ୍ୱର ୪୧.୪ ଡିଗ୍ରୀ, ରାଉରକେଲାରେ ୪୦.୮ ଡିଗ୍ରୀ, ସମ୍ବଲପୁରରେ ୪୦.୧ ଡିଗ୍ରୀ, ହୀରାକୁଦରେ ୪୦.୧ ଡିଗ୍ରୀ, କେନ୍ଦୁଝରରେ ୩୮.୪ ଡିଗ୍ରୀ, ଗୋପାଳପୁରରେ *(ପୃଷ୍ଠା ୭ରେ)*

ଅଶ୍ୱିନୀ ବୈଷ୍ଣବଙ୍କ ବିରୋଧରେ କୋର୍ଟ ଯାଇଥିଲେ, ଏବେ ଗଣିବେ ୫ ଲକ୍ଷ

ନୂଆଦିଲ୍ଲୀ, ୨୪/୦୪

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ବିରୋଧରେ ମାମଲା ଦାଏର କରିଥିବା ବ୍ୟକ୍ତିଙ୍କୁ ହାଇକୋର୍ଟ ଝଟକା । ସେ ଅଶ୍ୱିନୀ ବୈଷ୍ଣବଙ୍କ ବିରୋଧରେ ଓଡ଼ିଶା ହାଇକୋର୍ଟ ଯାଇଥିଲେ । କିନ୍ତୁ କୋର୍ଟ ଏବେ ତାଙ୍କ ଉପରେ ୫ ଲକ୍ଷ ଟଙ୍କାର ଜରିମାନା ଲାଗୁ କରିଛନ୍ତି । ରାଜନୈତିକ ଉଦ୍ଦେଶ୍ୟ ରଖି ମାମଲା କରାଯାଇଥିବା ଦର୍ଶାଇ ହାଇକୋର୍ଟ ମାମଲାକୁ ଖାରଜ କରିଛନ୍ତି । ଏଥିସହ ଆବେଦନକାରୀ ଭାଗ୍ୟଧର ବେହେରାଙ୍କୁ ୫ ଲକ୍ଷ ଟଙ୍କା ଜରିମାନା ଭାବେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଭାଗ୍ୟଧରଙ୍କୁ ଆସନ୍ତା ୩ ସପ୍ତାହ ମଧ୍ୟରେ ହାଇକୋର୍ଟ ବାର ଆସୋସିଏସନ ଓକିଲ କଲ୍ୟାଣ ପାଣ୍ଠିରେ ଜରିମାନା ରାଶି ଜମା କରିବାକୁ କୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି । ଗତ ୨୦୧୯ ମସିହା ରାଜ୍ୟସଭା ନିର୍ବାଚନରେ ଅଶ୍ୱିନୀ ବୈଷ୍ଣବ ନିଜ ନାମାଙ୍କନ ପତ୍ରରେ ତଥ୍ୟ ଲୁଚାଇଥିବା ଅଭିଯୋଗ କରି ଭାଗ୍ୟଧର ମାମଲା ଦାଏର କରିଥିଲେ । ନାମାଙ୍କନ ସମୟରେ ଅଶ୍ୱିନୀ ସରକାରଙ୍କ ଅଧୀନରେ ଚୁକ୍ତି ଭିତ୍ତିରେ କାର୍ଯ୍ୟ କରୁଥିଲେ ବୋଲି ଭାଗ୍ୟଧର ଅଭିଯୋଗ କରିଥିଲେ । ତେବେ ସରକାର ନୁହେଁ, ବରଂ ଅଶ୍ୱିନୀ ଏକ ଘରୋଇ ସଂସ୍ଥାର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ ।

କିନ୍ତୁ ନାମାଙ୍କନ ପତ୍ର ଦାଖଲ ବେଳକୁ ସେ ଇସ୍ତଫା ଦେଇସାରିଥିଲେ ବୋଲି ତାଙ୍କ ଓକିଲ କହିଛନ୍ତି । ଏପରି କି ତାଙ୍କ ଇସ୍ତଫା ନେଇ ରେଜିଷ୍ଟ୍ରର ଅଫ *(ପୃଷ୍ଠା ୭ରେ)*

ଆଜି ଓଡ଼ିଶା ଆସୁଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ

ଭୁବନେଶ୍ୱର, ୨୪/୦୪

ନ୍ୟୁଜ ବ୍ୟୁରୋ

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ଓଡ଼ିଶା ଗସ୍ତରେ ଆସି ସୋନପୁରରେ ଏକ ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । କେନ୍ଦ୍ର ଗୃହମନ୍ତ୍ରୀଙ୍କ ଓଡ଼ିଶା ଗସ୍ତର କାର୍ଯ୍ୟକ୍ରମ ଅନୁସାରେ ଗୁରୁବାର ଅପରାହ୍ନ ୩ଟା ୪୫ରେ ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ସେ ପହଞ୍ଚିବେ । ଏହାପରେ ୩ଟା ୫୦ରୁ ସ୍ୱତନ୍ତ୍ର ହେଲିକପ୍ଟର ଜରିଆରେ ସୋନପୁର ଯାଇ ରାମେଶ୍ୱରମ୍ ଷ୍ଟାଡିୟମରେ ଏକ ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

ଏହାପରେ ଅପରାହ୍ନ ସାଢେ ୫ଟାରେ କାର୍ଯ୍ୟକ୍ରମ ସାରି ଝାରସୁଗୁଡାରୁ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ । ଏଠାରେ ପହଞ୍ଚିବା ପରେ କେନ୍ଦ୍ର ଗୃହମନ୍ତ୍ରୀ ରାଜ୍ୟ ବରିଷ୍ଠ ନେତାମାନଙ୍କ ସହ ନିର୍ବାଚନ ରଣନୀତି ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର ପାଇଁ ଶ୍ରୀ ଶାହ ଓଡ଼ିଶା ଆସୁଛନ୍ତି ।

ମାସକ ମଧ୍ୟରେ ଷ୍ଟାଣ୍ଡାର୍ଡ ଟ୍ରିଟ୍‌ମେଣ୍ଟ ରେଟ୍ ନିର୍ଦ୍ଧାରଣ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୪।୪

ସ୍ୱାସ୍ଥ୍ୟ ସେବା ଉପରେ ସୁପ୍ରିମକୋର୍ଟ ବଡ ରାୟ ଶୁଣାଇଛନ୍ତି । ସ୍ୱାସ୍ଥ୍ୟସେବା ସମ୍ପର୍କିତ ଏକ ଜନସ୍ୱାସ୍ଥ୍ୟ ମାମଲାର ଶୁଣାଣୀ କରି ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ଗଭାଇ ଏବଂ ଜଷ୍ଟିସ୍ ସଞ୍ଜିବ ଖାନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ମାସକ ମଧ୍ୟରେ ଦେଶର ସବୁ ରାଜ୍ୟରେ ଏକ ନିର୍ଦ୍ଧାରିତ ମାନର ଚିକିତ୍ସା ଦର (ଷ୍ଟାଣ୍ଡାର୍ଡ ଟ୍ରିଟ୍‌ମେଣ୍ଟ ରେଟ୍) ଲାଗୁ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସୁପ୍ରିମକୋର୍ଟ କହିଛନ୍ତି ସ୍ୱାସ୍ଥ୍ୟସେବା ହେଉଛି ନାଗରିକଙ୍କ ମୌଳିକ ଅଧିକାର । ବିଶେଷ କରି ବରିଷ୍ଠ ନାଗରିକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା

ସରକାରଙ୍କ ଗୁରୁଦାୟିତ୍ୱ । ଯାହା ଦେଖାଯାଉଛି ଘରୋଇ ଓ ସରକାରୀ ଡାକ୍ତରଖାନା ମାନଙ୍କରେ ବିଭିନ୍ନ ପ୍ରକାର ଚିକିତ୍ସାସେବା ଦର ମଧ୍ୟରେ ବହୁତ ଫରକ ରହୁଛି । ରୋଗୀମାନଙ୍କ ଠାରୁ ମନଇଚ୍ଛା ଦର ନିଆଯାଉଛି । ଏହି ଗୁରୁତର ସମସ୍ୟା ଦୂର ପାଇଁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ସଚିବ ସବୁ ରାଜ୍ୟ ସରକାରଙ୍କ *(ପୃଷ୍ଠା ୭ରେ)*

ପାକିସ୍ତାନକୁ ଆଇନା ଦେଖାଇଲେ ପାକିସ୍ତାନୀ ଆଇନ୍‌ମନ୍ତ୍ରୀ

ଇସଲାମାବାଦ୍, ୨୪/୦୪

ସିନ୍ଧୁ ନଦୀ ଜଳ ଚୁକ୍ତି ନେଇ ପାକିସ୍ତାନୀ ନେତା ସବୁବେଳେ ଦେଶର ଜନସାଧାରଣଙ୍କୁ ଭ୍ରମିତ କରି ଆସୁଛନ୍ତି । ତେବେ ପ୍ରଥମ ଥର ପାଇଁ ପାକିସ୍ତାନୀ ଆଇନ୍‌ମନ୍ତ୍ରୀ ଆଜମ ନଜିର ତରାର ପାକିସ୍ତାନ ସରକାରଙ୍କୁ ଆଇନା ଦେଖାଇଛନ୍ତି । ସେ ଦେଶର ସଂସଦରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ କହିଛନ୍ତି ସିନ୍ଧୁ ନଦୀ ଜଳ ଚୁକ୍ତି ଅନ୍ତର୍ଗତ ରାବି ନଦୀ ଭାରତର ଅଧିକାରରେ ରହିଛି । ପାକିସ୍ତାନ ଏନେଇ ଅନ୍ତର୍ଜାତୀୟ କୋର୍ଟକୁ ଯାଇପାରିବ ନାହିଁ । ପାକିସ୍ତାନର ଜାତୀୟ ଆସେମ୍ବ୍ଲିରେ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ନେଇ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ଆଇନ୍‌ମନ୍ତ୍ରୀ ଏଭଳି ଉତ୍ତର ଦେଇଛନ୍ତି । ପ୍ରଶ୍ନ *(ପୃଷ୍ଠା ୭ରେ)*

ଏକାଳ ପଖାଳ

ପ୍ରଚାର ପ୍ରସାର କୋର ଧରିଲାଣି
ଅଣ୍ଟାଭିଡିଲେଣି ନେତା
ଘର ଘର ବୁଲି କୁଣ୍ଢାଇ ପକାନ୍ତି
ଧରି ନେଉଥାନ୍ତି ଜୋତା
ପ୍ରତିଶ୍ରୁତି ବାକିଖାତା
ସେ ଖାତା ଏତେମୋଟା ଯେ
ପଢିଲେ ହାରିବ ଚେତା

ସନ୍ଦେହ ଆଧାରରେ ନିଷ୍ପତ୍ତି ଦିଆଯିବ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୪।୪

ନିର୍ବାଚନ ଆୟୋଗଙ୍କ ସ୍ୱଷ୍ଟୀକରଣ ପରେ ସୁପ୍ରିମକୋର୍ଟ ବୁଧବାର ଇଭିଏମ୍ ଭିଭିପାଟ ମାମଲାରେ ନିଜର ନିଷ୍ପତ୍ତି ସଂରକ୍ଷଣ ରଖିଛନ୍ତି ଏବଂ ସନ୍ଦେହ ଆଧାରରେ ଏହି ନିଷ୍ପତ୍ତି ଦିଆଯାଇପାରିବ ନାହିଁ ବୋଲି କହିଛନ୍ତି ।

ଭିଭିପାଟ୍ ସହିତ ଇଲେକ୍ଟ୍ରୋନିକ ଭୋଟିଂ ମେସିନ (ଇଭିଏମ) ମାଧ୍ୟମରେ ଦିଆଯାଇଥିବା ଭୋଟର ପୁନଃ ଯାଞ୍ଚ ପାଇଁ ଆବେଦନ ଉପରେ ସୁପ୍ରିମକୋର୍ଟ ବୁଧବାର ରାୟ ସଂରକ୍ଷଣ ରଖିଛନ୍ତି । ଏହା ସହିତ ଏହା ମଧ୍ୟ ମନ୍ତବ୍ୟ ଦେଇଛନ୍ତି ଯେ, ସନ୍ଦେହ ଆଧାରରେ କୌଣସି ନିଷ୍ପତ୍ତି ଦିଆଯାଇପାରିବ ନାହିଁ । ଇଭିଏମର କାର୍ଯ୍ୟର କେତେକ ଦିଗ ଉପରେ ନିର୍ବାଚନ ଆୟୋଗଙ୍କଠାରୁ ସ୍ୱଷ୍ଟୀକରଣ ପାଇବା ପରେ ସର୍ବୋଚ୍ଚ ନ୍ୟା

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୫ ଅପ୍ରେଲ ୨୦୨୪ ଗୁରୁବାର



ଜଳୁଛି ଶିମିଳିପାଳ ବଢୁଛି ତାତି:ବନ୍ୟଜନ୍ତୁ ସହ ଗଛ ଓ ଗୁଳ୍ମ ପ୍ରତି ବିପଦ

ବାରିପଦା, ନ୍ୟୁଜ୍ ବ୍ୟୁରୋ

ଅସହ୍ୟ ଗରମ ସାଙ୍ଗକୁ ଜଙ୍ଗଲ ଅଗ୍ନି ପାଇଁ ବାରିପଦା ସହର ସମେତ ସମଗ୍ର ମୟୂରଭଞ୍ଜ ଏବେ ଅଗ୍ନିପିଣ୍ଡୁଳା ପାଲଟିଛି । ଶିମିଳିପାଳ ଭଳି ଘଞ୍ଚ ଓ ବିସ୍ତୀର୍ଣ୍ଣ ଜଙ୍ଗଲ ଜିଲ୍ଲାକୁ ଚାରିପଟୁ ଘେରି ରଖିଥିଲେ ମଧ୍ୟ ଏହାର କିଛି ପ୍ରଭାବ ପଡୁନାହିଁ । ବରଂ ଭୂଖଣ୍ଡର ତାପମାତ୍ରା ବଢ଼ାଉଛି ବନାଗ୍ନି । ଖରାଦିନେ ଯେଉଁଠି ଅପେକ୍ଷାକୃତ କମ୍ ଗରମ ଅନୁଭୂତ ହେଉଥିଲା, ସେଠି ନିଆଁ ବର୍ଷୁଛି । କିଛିଦିନ ଧରି ଦେଶର ସବୁଠୁ ଉତ୍ତପ୍ତ ସହର ଭାବେ ପରିଗଣିତ ହେଉଛି ଜିଲ୍ଲା ସଦର ମହକୁମା ବାରିପଦା । ସପ୍ତାହେ ହେଲା ତାତିରୁ ତ୍ରାହି ମିଳୁନଥିବା ବେଳେ ଏହି ସମୟରେ ଶିମିଳିପାଳର ବିଭିନ୍ନ ସ୍ଥାନରେ ଜଙ୍ଗଲ ନିଆଁ

ପରିସ୍ଥିତିକୁ ଅଣାୟତ୍ତ କରିଛି । ବନାଗ୍ନି ନିୟନ୍ତ୍ରଣ ପାଇଁ ବନ ବିଭାଗର ସମସ୍ତ ପ୍ରସ୍ତୁତି ଓ ବ୍ୟାପକ ସଚେତନତା ସତ୍ତ୍ୱେ ଶନିବାର ୧୩ଟି ସ୍ଥାନରେ ଜଙ୍ଗଲ ନିଆଁ ଠାବ କରାଯାଇଥିଲା । ବହୁ ସ୍ଥାନରେ ନିଆଁ ଲାଗିଛି । ବନ ବିଭାଗ ପକ୍ଷରୁ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ଜଙ୍ଗଲ ଅଗ୍ନିକୁ ଆୟତ କରିବା ପାଇଁ ଫାୟାର ଫାଇଟିଙ୍ଗ ସ୍କୁଆଡ଼ ମୁତୟନ କରାଯିବା ସହ ଓଡ୍ରାଫ ଟିମ୍ ମଧ୍ୟ ରହିଛନ୍ତି । ବନ କର୍ମଚାରୀ ମାନେ ବ୍ଲୋର ମେସିନ୍ ସହାର୍ଯ୍ୟରେ ଫାୟାର ଲାଇନ୍ କରିବା ସହ ନିଆଁ ଯେତେ ଲିଭାଇଲେ ମଧ୍ୟ ନୂଆ ନୂଆ ଫାୟାର ପଏଣ୍ଟ ସୃଷ୍ଟି ହେବାର ଦେଖାଯାଉଛି । ତେବେ ଜଙ୍ଗଲରେ ନିଆଁ ଲାଗିବା କାରଣରୁ ଅହେତୁକ ଭାବେ ତାପମାତ୍ରାରେ ବୃଦ୍ଧି ଘଟିବା ସହିତ ବନ୍ୟ ଜନ୍ତୁମାନେ ଭୟଭୀତ ହୋଇ ରହିବା ସହିତ ଜନବସତି ମୁହାଁ ହେଉଥିବାର ଦେଖାଯାଉଛି । ସେହିପରି ଶିମିଳିପାଳ ଜଙ୍ଗଲରେ ଥିବା ପୁରୁଣା ଗଛ ଏବଂ ବହୁବିଧ ଗୁଳ୍ମ ମଧ୍ୟ ନଷ୍ଟ ହେଉଛି ।

ଭଙ୍ଗାରୁଜା ଅବସ୍ଥାରେ ରାଜୀବ ଆବାସ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ମହାନଗର ନିଗମ ତରଫରୁ ସହରର ବିଭିନ୍ନ ସ୍ଥାନରେ ରାଜୀବ ଆବାସ ଯୋଜନାରେ ବାସଗୃହ ନିର୍ମାଣ କରାଯାଇଥିଲା । ଏହି ବାସଗୃହଗୁଡ଼ିକୁ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ବଣ୍ଟନ ହୋଇଛି । କିନ୍ତୁ ଅଳ୍ପ ବର୍ଷ ମଧ୍ୟରେ ଏହି ରାଜୀବ ଆବସ ଗୃହଗୁଡ଼ିକ ଭାଙ୍ଗିରୁଜି ଗଲାଣି । ଫଳରେ ବସବାସ କରୁଥିବା ବାସିନ୍ଦାଙ୍କ ମଧ୍ୟରେ ଭୟର ବାତାବରଣ ଲାଗି ରହିଛି । ଏଭଳି କିଛି ଅଭିଯୋଗ ହୋଇଛି ନିର୍ଦ୍ଦିଷ୍ଟ ଏକ ଅଞ୍ଚଳରୁ । ରାଜୀବ ଆବାସ ଯୋଜନାର ବାସଗୃହଗୁଡ଼ିକ ଭଗ୍ନ ଅବସ୍ଥାରେ ରହିଥିବା ବେଳେ ଅନେକ ସମୟରେ କଂକ୍ରିଟ୍ ଖସୁଥିବା ସେମାନେ ଅଭିଯୋଗ କରିଛନ୍ତି । ଏନେଇ ମହାନଗର ନିଗମରେ ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ



ଗ୍ରହଣ କରାଯାଉନାହିଁ ବୋଲି ବାସିନ୍ଦାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପୂର୍ବରୁ ଖାଜା ସାହି ଗେଟା ବସ୍ତିରେ ଏମାନେ ବସବାସ କରୁଥିଲେ । ୬ ବର୍ଷ ପୂର୍ବେ ରାଜୀବ ଆବାସ ବାସଗୃହକୁ ସେମାନେ ସ୍ଥାନାନ୍ତର ହୋଇଥିଲେ । ଏଠାରେ ବିଭିନ୍ନ ବ୍ଲକ୍‌ରେ ପ୍ରାୟ ୩ ଶହ ଘର ରହିଛି । କିନ୍ତୁ ରକ୍ଷଣା ବେକ୍ଷଣ ଅଭାବ ଯୋଗୁଁ ବାସଗୃହ ଗୁଡ଼ିକ ଜର୍ଜରିତ ଅବସ୍ଥାକୁ ଚାଲିଗଲାଣି । କାନ୍ଥ ଫାଟି ଗଲାଣି । କୋଠାର ଖମ୍ବଗୁଡ଼ିକ ଦୁର୍ବଳ ହୋଇଗଲାଣି । ଛାତରୁ କଂକ୍ରିଟ୍ ଖସୁଛି । ଏପରିକି ଯେକୌଣସି ସମୟରେ କୋଠା ଭୁଶୁଡ଼ି ପଡ଼ିବ ବୋଲି ମଧ୍ୟ ବାସିନ୍ଦାମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଅଭିଯୋଗ ପରେ ମହାନଗର ନିଗମର ଅଧିକାରୀମାନେ ଆସୁଛନ୍ତି । କିନ୍ତୁ ବୁଲି ଦେଖି ଚାଲିଯାଉଛନ୍ତି । ମରାମତି ନେଇ ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଯଦି ତୁରନ୍ତ ମରାମତି କରାନଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନ ଡ଼ାକରା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି ।

ବିଜେପିରେ ଯୋଗଦେଲେ ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟ

ବିଷମ କଟକ, ନ୍ୟୁଜ୍ ବ୍ୟୁରୋ

ବିଜେଡି ଛାଡି ବିଜେପିରେ ଯୋଗଦେଇଛନ୍ତି ରାୟଗଡା ଜିଲ୍ଲା ବିଷମ କଟକର ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ବକ୍ସି । ତାଙ୍କ ସହ ପୂର୍ବତନ ସମିତି ସଭ୍ୟ ସିମାଦ୍ରୀ ପାତ୍ର ଏବଂ ବିଷମ କଟକ ନିର୍ବାଚନ ମଣ୍ଡଳୀର ବରିଷ୍ଠ ଶିକ୍ଷକ ତ୍ରିନାଥ ଗୌଡ଼, ଦେବଦାସ ବାଣୁଆ, ଅଙ୍କୁର ପାଣ୍ଡୁ, କୃଷ୍ଣ ଚନ୍ଦ୍ର ପାଣିଗ୍ରାହି, କୃଷ୍ଣ ଗୌଡ଼, ହରିଶ ଚନ୍ଦ୍ର ଉଲ୍ଲୁକ, ପୂର୍ବତନ ଚେୟାରମେନ ମୁନିଗୁଡ଼ା ମୀନକେତନ ଷଡଙ୍ଗୀ ପ୍ରମୁଖ ବିଜେପି ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ବିଜେପି ରାଜ୍ୟ ଉପସଭାପତି ସମୀର ମହାନ୍ତି, ରାଜ୍ୟ ଓ.ବି.ସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା ଓ ବିଜେପି ବିଷମକଟକ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡୁକା, ଶିବଶଙ୍କର ଉଲାକାଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି । ସୁବାସ ବକ୍ସି ଜନତା ଦଳ ଥିବାଠାରୁ ପ୍ରାୟ ୪୦ ବର୍ଷ ଧରି ବିଜେଡିରେ ଥିଲେ । ତାଙ୍କଭଳି ସିନିୟର କର୍ମୀଙ୍କୁ ଦଳ ଅଣଦେଖା କରିବା ନେଇ ସେ କ୍ଷୁବ୍ଧ ପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖି ଯୋଜନା ଓ ଦେଶ ସେବାରେ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗ ଦେଇଥିବା ସୂଚନା ଦେଇଛନ୍ତି ।

ପାନୀୟ ଜଳ ସଙ୍କଟ:ଜଳଛତ୍ର କେନ୍ଦ୍ର ଖୋଲୁନି ପ୍ରଶାସନ

ନିଷ୍କିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ

ଚଳିତ ବର୍ଷ ସମଗ୍ର ନିଷ୍କିନ୍ତକୋଇଲି ବ୍ଲକର ୪୧ଟି ଗ୍ରାମପଞ୍ଚାୟତରେ ପାନୀୟ ଜଳର ଘୋର ସଙ୍କଟ ଦେଖାଦେଇଛି । ଟୋପାଏ ପାନୀୟ ଜଳ ନିମନ୍ତେ ସମଗ୍ର ଜୀବଜଗତ ତ୍ରାହି ତ୍ରାହି ଡାକ ଦେଉଥିଲେ ମଧ୍ୟ ଜଳଛତ୍ର କେନ୍ଦ୍ର ଖୋଲିବା ନିମନ୍ତେ ପ୍ରଶାସନର ନିଘା ନରହିବା ଘଟଣାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗତ କିଛିଦିନ ସମଗ୍ର ନିଷ୍କିନ୍ତକୋଇଲି ବ୍ଲକ ଅଞ୍ଚଳରେ ପ୍ରଚଣ୍ଡ ରୌଦ୍ରତାପ ଅନୁଭୂତ ହେଉଛି । ସକାଳ ୮ଟା ବାଜିଲା ମାତ୍ରେ ଲୋକେ ଘରୁ ପଦାକୁ ବାହାରି ପାରୁନାହାନ୍ତି । ଡହ ଡହ ତାତିରେ ସମଗ୍ର ଜୀବଜଗତ ଡହଳ ବିକଳ ହେଉଛି । ଏପରିସ୍ଥଳେ ସମଗ୍ର ଅଞ୍ଚଳର ନଦୀ ନାଳ ଗଡିଆ ପୋଖରୀ ଶୁଖିଗଲାଣି । ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ପାନୀୟ ଜଳ ପ୍ରକଳ୍ପ ମଧ୍ୟ କୌଣସି କାମରେ ଆସୁନାହିଁ । ଏହି ପାନୀୟ ଜଳ ପ୍ରକଳ୍ପ ଗୁଡିକ ସମ୍ପୂର୍ଣ୍ଣଭାବେ ଅଚଳ ହୋଇପଡିଥିବାର ଅଭିଯୋଗ ହୋଇଛି । ସମଗ୍ର ଅଞ୍ଚଳରେ ତାପମାତ୍ରା ଚଳିତ ମାସ ପ୍ରାରମ୍ଭରୁ ୪୦ ଡିଗ୍ରୀରୁ ଉର୍ଦ୍ଧ୍ୱରେ ରହିଛି । ପ୍ରବଳ ମାତ୍ରାରେ ଝାଞ୍ଜି ପବନ ବହୁଛି । ଏପରିକି ସ୍ଥାନୀୟ ଅଞ୍ଚଳରେ ସରକାରଙ୍କ ତରଫରୁ ଓ ଘରୋଇ ଭାବେ ସ୍ଥାପନ କରାଯାଇଥିବା ନଳକୂପ ଗୁଡିକର ଜଳସ୍ତର ନିମ୍ନଗାମୀ ହୋଇପଡିଛି । ବହୁ ନଳକୂପ ଅଚଳ ହୋଇପଡିଛି । ସ୍ଥାନୀୟ ଅଞ୍ଚଳର ହାଟ ବଜାର ସର୍ବୋପରି ଗାଁ ମାନଙ୍କରେ ପାନୀୟ ଜଳର ଘୋର ସଙ୍କଟ ଦେଖାଦେଇଛି । ନର, ପଶୁପକ୍ଷୀ କିଟ, ତରୁଲତା ଟୋପାଏ ପାଣି ପାଇଁ ହା ହାକାର ଚିତ୍କାର କରୁଛନ୍ତି । ଏପରିସ୍ଥଳେ ସ୍ଥାନୀୟ ବ୍ଲକ ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗ ହାତବାନ୍ଧି ବସିଛି । ବିଭାଗୀୟ ଯନ୍ତ୍ରୀମାନେ ସ୍ଥାନୀୟ ଅଞ୍ଚଳରେ ରହୁନାହାନ୍ତି । ଏହି ବିଭାଗରେ କାର୍ଯ୍ୟରତ କର୍ମଚାରୀ ମାନଙ୍କୁ ନଦେଲେ ନଳକୂପ ମରାମତି କରୁନାହାନ୍ତି । ଫଳରେ ଲୋକେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ସରକାରଙ୍କ ତରଫରୁ ପ୍ରତି ପଞ୍ଚାୟତର ହାଟ ବଜାର ଜନଗହଳି ସ୍ଥାନ ଓ ବସ୍‌ଷ୍ଟାଣ୍ଡ ମାନଙ୍କରେ ଜଳଛତ୍ର କେନ୍ଦ୍ର ଖୋଲିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଏଥିପ୍ରତି କୌଣସି ଗ୍ରାମପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ କର୍ଣ୍ଣପାତ କରୁନଥିବାର ଅଭିଯୋଗ ହୋଇଛି । ଏହି ବ୍ଲକ ଅଞ୍ଚଳରେ ସରକାରୀ କଗଜ କଲମରେ ଜଳଛତ୍ର କେନ୍ଦ୍ର ଚାଲିଥିଲା ବେଳେ ବାସ୍ତବ କ୍ଷେତ୍ରରେ ତାହା ଦେଖାଯାଉନାହିଁ । ସେହିପରି ଭାବେ ଏହି ବ୍ଲକ ଅଞ୍ଚଳର ବିଭିନ୍ନ ରାସ୍ତା ପାର୍ଶ୍ୱରେ ଥିବା ଶହ ଶହ ସଂଖ୍ୟାରେ ବିରାଟ ବିରାଟ ଗଛକୁ ରାସ୍ତା ନିର୍ମାଣ ପାଇଁ କାଟି ଦିଆଯାଇଥିବା କାରଣରୁ ଲୋକେ ମଧ୍ୟ ଗଛ ମୂଳରେ ଥକ୍କାମାରି ପାରୁନାହାନ୍ତି । ତେବେ ଏହି ଅଞ୍ଚଳରେ ତୁରନ୍ତ ଅଚଳ ହୋଇପଡିଥିବା ପାନୀୟ ଜଳ ପ୍ରକଳ୍ପ ଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବା ସହ ପ୍ରତି ପଞ୍ଚାୟତରେ ଯୁଦ୍ଧକାଳୀନ ଭିତ୍ତିରେ ଜଳଛତ୍ର କେନ୍ଦ୍ର ଖୋଲାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି । ନଚେତ ଆଗାମୀ ଦିନରେ ଏହି ଅଞ୍ଚଳରେ ଅଂଶୁଘାତ ଜନିତ ମୃତ୍ୟୁ ହେବା ଆଶଙ୍କାଙ୍କୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଦିନରେ ଗ୍ରୀଷ୍ମ ପ୍ରବାହ ଯୋଗୁ ରାତିରେ ଜମୁଛି ନିର୍ବାଚନ ପ୍ରଚାର

ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ

କନ୍ଧମାଳ ଜିଲ୍ଲା ବାଲିଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳ ନିଜ ନିଜ ପ୍ରାର୍ଥୀ ଘୋଷଣା କରିଛନ୍ତି । ଏବେ ପ୍ରାର୍ଥୀମାନେ ନିଜ ନିଜ ସମର୍ଥକ ମାନଙ୍କୁ ଧରି ଧୀରେ ଧୀରେ ପ୍ରଚାର ଆରମ୍ଭ କଲେଣି । ଦିନବେଳେ ଭୀଷଣ ଗ୍ରୀଷ୍ମ ପ୍ରବାହ ରହୁଥିବାରୁ ଲୋକଙ୍କ ହିତ ପାଇଁ ପାଣିପାଗ ବିଭାଗ ପକ୍ଷରୁ ଦିନ ୧୦ଟାରୁ ଦିନ ୩ଟା ପର୍ଯ୍ୟନ୍ତ ଘରୁ ନବାହାରିବା ପାଇଁ ଅନୁରୋଧ କରିଛନ୍ତି । ଏହାକୁ ନଜରରେ ରଖି ବାଲିଗୁଡା କଂଗ୍ରେସ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନ ସନ୍ଧ୍ୟା ହେଲେ ନିଜ ନିଜ ସମର୍ଥକ ମାନଙ୍କୁ ଧରି ଗାଁ ଗାଁ ବୁଲି

ଖୋଲା ସ୍ଥାନରେ ପାଲ ପକାଇ ଲୋକଙ୍କୁ ଏକତ୍ରୀତ କରି ନିର୍ବାଚନ ପ୍ରଚାର କରୁଥିବା ଦେଖିବାକୁ ମିଳୁଛି । ସନ୍ଧ୍ୟା ୫ଟାରୁ ପ୍ରଚାର ଆରମ୍ଭ କରି ରାତି ୧୦ଟା ୧୧ଟା ପର୍ଯ୍ୟନ୍ତ ପ୍ରଚାର କରୁଛନ୍ତି । କନ୍ଧମାଳ ଜିଲ୍ଲା ଆଦିବାସୀ ବହୁଳ ଜିଲ୍ଲା ହୋଇଥିବାରୁ ଏଠାକାର ବୃଦ୍ଧ ବୃଦ୍ଧା ଆଜିବି ଓଡ଼ିଆ ଠିକ୍ ଭାବେ ବୁଝିପାରନ୍ତିନାହିଁ । ଏଣୁ ଆମେ କୁଇ ଭାଷା ଓ ଓଡ଼ିଆ ଭାଷାରେ ଲୋକଙ୍କୁ ଭୋଟ ପ୍ରଚାର ଓ ନିବେଦନ କରୁଛୁ । ଆମ ନିର୍ବାଚନ ପ୍ରଚାର ସମୟରେ ଲୋକଙ୍କ ଆଗ୍ରହ ମଧ୍ୟ ଦେଖିବାକୁ ମିଳୁଛି, ଆମକୁ କୁଇ ଭାଷାରେ ସେମାନଙ୍କ ସମସ୍ୟା ଜଣାଉଛନ୍ତି ଓ ସମାଧାନ କରିବା ପାଇଁ ନେତା ପ୍ରତିଶ୍ରୁତି ଦେଇଥାନ୍ତି । ସାଧାରଣ ଲୋକମାନେ କହିଛନ୍ତି ଯେ, ଆମେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ୍ ଦେବୁ । ପୂର୍ବରୁ ଯେଉଁମାନେ ଯାଇଛନ୍ତି ସେମାନଙ୍କୁ ଭୋଟ୍ ଦେଇଥିଲୁ କିନ୍ତୁ ଉପଯୁକ୍ତ ପ୍ରାର୍ଥୀ ନଥିଲେ ବୋଲି କହିଛନ୍ତି । ଚଳିତ ନିର୍ବାଚନରେ ଗାଁକୁ ରାସ୍ତା ଓ ଉଚିତ୍ ସ୍ୱାସ୍ଥ୍ୟ ସେବା, ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ, ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ଦୂର, ମୋବାଇଲ ସେବା ଉପଲବ୍ଧ ସହ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ମୁଖ୍ୟ ଦାବି ରହିଥିବା ବିଷୟ କଂଗ୍ରେସର ରାତ୍ର କାଳୀନ ପ୍ରଚାର ସଭାରେ ଦେଖିବାକୁ ମିଳିଛି । ତେବେ ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଜଣାପଡୁଛି ।

ଦଳୀୟ ଇଫ୍‌ତାର ପାର୍ଟିରେ ପୋଲିସ ଅଧିକାରୀ:ନିର୍ବାଚନ ଆଚରଣବିଧି ଉଲ୍ଲଂଘନ

କଟକ, ନ୍ୟୁଜ୍ ବ୍ୟୁରୋ

ଏକ ରାଜନୈତିକ ଦଳର ଇଫ୍‌ତାର ପାର୍ଟିରେ ପୋଲିସ ଅଧିକାରୀ କଟକ ଚୌଦ୍ୱାର ବ୍ଲକ ବ୍ରହ୍ମପୁରରେ ଆୟୋଜିତ ଇଦ୍ ଉଲ୍ ଫିତର କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ ଓ ମହିଳା ସବ୍ ଇନ୍ସପେକ୍ଟର ସରସ୍ୱତୀ ସାହୁ ସେମାନେ ଯେଉଁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେଠାରେ ଲଗାଯାଇଥିଲା ସମ୍ପୃକ୍ତ ଦଳର ବ୍ୟାନର । ଶେଖ୍ ସାହାନବାଜ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିବା ଜଣାପଡ଼ିଛି । ନିର୍ବାଚନ ପାଇଁ ଏବେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି । ଏହି ସମୟରେ ଦୁଇ ପୋଲିସ ଅଧିକାରୀ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ବୋଲି ବିଜେପି ଅଭିଯୋଗ କରିଛି । ସେପଟେ କେଉଁ ପରିସ୍ଥିତିରେ, କେଉଁ ଉଦ୍ଦେଶ୍ୟରେ ସାମିଲ ହୋଇଥିଲେ । ନିର୍ଦ୍ଦିଷ୍ଟ ଭାବେ କିଏ ନିମନ୍ତ୍ରଣ କରିଥିଲା ଏ ସମ୍ପର୍କରେ ସଂପୃକ୍ତ ଦୁଇ ପୋଲିସ ଅଧିକାରୀ ସମ୍ପୃକ୍ତ ଦଳର ପ୍ରତିକ୍ରିୟା ମିଳିପାରିନି । ସେପଟେ ନିର୍ବାଚନ ପାଇଁ ସରଗରମ ରହିଛି । ରାଜ୍ୟ ରାଜଧାନୀ ନିର୍ବାଚନ ପାଖେଇବା ସହ ଜମିଲାଣି ପ୍ରଚାର । ରାଜ୍ୟରେ ୩ ପ୍ରମୁଖ ଦଳ ପ୍ରାର୍ଥୀ ଘୋଷଣା କରିବା ପରେ ମଇଦାନରେ ଭୋଟ୍ ହାତେଇବା ପାଇଁ ସବୁ ଦଳର ପ୍ରାର୍ଥୀ ଉଦ୍ୟମ ଆରମ୍ଭ କରିଛନ୍ତି । କୋରେଇ ନିର୍ବାଚନ ମଣ୍ଡଳୀରୁ ବିଜେପି ବିଧାୟକ ପ୍ରାର୍ଥୀ ତଥା ଓଲିଉଡ ଅଭିନେତା ଆକାଶ ଦାସ ନାୟକ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି । ସେ ପ୍ରଥମେ ଦଳର କର୍ମୀମାନଙ୍କ ସହ ଆଲୋଚନା କରିଛନ୍ତି । ତେବେ କର୍ମୀ ସମ୍ମିଳନୀରେ ଆକାଶ କହିଛନ୍ତି କେବଳ କୋରେଇରେ ନୁହେଁ ସାରା ରାଜ୍ୟରେ ଲୋକେ ପରିବର୍ତ୍ତନ ଚାହୁଁଛନ୍ତି । ତେଣୁ ଏଥର ପରିବର୍ତ୍ତନ ନିଶ୍ଚିତ ବୋଲି ସେ କହିଛନ୍ତି ।

ବିଜେଡ଼ି ବିଧାୟକ ପ୍ରାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନିଷ୍କିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ

ନିଷ୍କିନ୍ତକୋଇଲି ବ୍ଲକ କଟରପଡା ଅଷ୍ଟପ୍ରହରୀ ସଂସ୍ଥା ଦ୍ୱାରା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସ୍ଥାନୀୟ ସରପଞ୍ଚ ରାକେଶ କୁମାର ସାମଲ, ଯୁବନେତା ଦିବାକର ସାମଲ, କୈଳାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଶ୍ରୀ ଜେନାଙ୍କୁ ବ୍ୟାପକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ତାଙ୍କର ଉତ୍ତରୋତର ଶୁଭକାମନା କରିଥିଲେ । ଏହି

ସମୟରେ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ଯୁବନେତା ପ୍ରମୋଦ କୁମାର ସ୍ୱାଇଁ, ଜ୍ୟୋତି ପ୍ରକାଶ ସ୍ୱାଇଁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ ।

ସମ୍ ଶୀତଳାପଲ୍ଲୀ କ୍ୟାମ୍ପସ୍‌ରେ ବନ୍ଧ୍ୟାଦୋଷ ଚିକିତ୍ସା

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଶୀତଳାପଲ୍ଲୀ କ୍ୟାମ୍ପସ୍‌ରେ ଗତ ରବିବାର ଏକ ନିଃଶୁଳ୍କ ବନ୍ଧ୍ୟାଦୋଷ ଚିକିତ୍ସା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ ନିଃସନ୍ତାନ ଦମ୍ପତି ଏହି ଶିବିରରେ ଯୋଗଦେଇ ଡାକ୍ତରୀ ପରାମର୍ଶ ଗ୍ରହଣ କରିବା ସହ ଚିକିତ୍ସା କରାଇଥିଲେ । ଭୁବନେଶ୍ୱର ସ୍ଥିତ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ସେଣ୍ଟର ଫର୍ ହ୍ୟୁମାନ୍ ରିପ୍ରଡକ୍ସନ୍ (ସିଏଚ୍‌ଆର୍)ର ମୁଖ୍ୟ ପ୍ରଫେସର (ଡାକ୍ତର) ସୁଜାତା ପ୍ରଧାନ ଏହି ଶିବିରକୁ ଆସିଥିବା ଦମ୍ପତିମାନଙ୍କୁ ଆବଶ୍ୟକୀୟ ଡାକ୍ତରୀ ପରାମର୍ଶ ପ୍ରଦାନ କରିଥିଲେ । ପ୍ରଜନନ କ୍ଷମତା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ବହୁ ଦମ୍ପତି ପରାମର୍ଶ ଗ୍ରହଣ କରିଥିଲେ । ଏହି ଅଞ୍ଚଳର ରୋଗୀ ଯେଉଁମାନେ କି ବନ୍ଧ୍ୟାଦୋଷରେ ପୀଡିତ ସେମାନଙ୍କ ସମସ୍ୟା କିପରି ଠିକ୍ ଭାବରେ ନିରୂପଣ କରାଯାଇପାରିବ ଓ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଇପାରିବ ତାହା ହିଁ ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରଫେସର ପ୍ରଧାନ କହିଛନ୍ତି । ପ୍ରଥମେ ବନ୍ଧ୍ୟାଦୋଷର କାରଣ ଚିହ୍ନଟ କରିବା ପରେ ତତ୍ ଉପଯୋଗୀ ଚିକିତ୍ସା ସମ୍ପର୍କରେ ଦମ୍ପତିଙ୍କୁ

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୫ ଅପ୍ରେଲ ୨୦୨୪ ଗୁରୁବାର



ଶତପ୍ରତିଶତ ମତଦାନ ନିମନ୍ତେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର ପ୍ରୟାସ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲାରେ ଭୋଟ ହାର ବୃଦ୍ଧି ତଥା ଶତପ୍ରତିଶତ ମତଦାନ ପାଇଁ ଜନସାଧାରଣ ଓ ନୂତନ ଯୁବ ଭୋଟର ମଧ୍ୟରେ ସଚେତନତା ସୃଷ୍ଟି ଉପରେ ପ୍ରଶାସନ ପକ୍ଷରୁ ଗୁରୁତ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରଶାସନ ପକ୍ଷରୁ ସ୍ୱିପ ଅଭିଯାନରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଉଛି । ବିଶେଷ କରି ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପଥପ୍ରାନ୍ତ ନାଟକ, ଗୋଷ୍ଠୀ ବୈଠକ ଆୟୋଜନ, ସଚେତନତା ଶୋଭାଯାତ୍ରା କରାଯାଉଛି । ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଚେତନତା ସଭା ସହ ନିର୍ବାଚନ ସମ୍ବନ୍ଧୀୟ ପୋଷ୍ଟର, ଚିତ୍ରାଙ୍କନ ଓ ବିଭିନ୍ନ ଶୈକ୍ଷିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସ୍ଥାନୀୟ ଯୁବ ତଥା ନୂତନ ମତଦାତାଙ୍କ ନିର୍ବାଚନରେ ସୁନିଶ୍ଚିତ ସାମିଲ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇ ସକ୍ରିୟ ଭୋଟର ଅଂଶଗ୍ରହଣ ଉପରେ ଆଲୋଚନା କରାଯାଉଛି । ଏହି ପରିପ୍ରେକ୍ଷୀରେ ସୋନପୁର ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଙ୍ଗ ଅଧିକାରୀ, ୬୫-ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ସୁରଜ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସୋନପୁର ପୌରପରିଷଦ ଅଞ୍ଚଳରେ ଯୁବ ଭୋଟର, ଜିଲ୍ଲା ବଣିକ ସଂଘ ସଦସ୍ୟ, ବୁଦ୍ଧିଜୀବୀ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ ଅଧିକାରୀ ପ୍ରମୁଖ ଶତାଧିକ ସ୍ୱିପ ଅଭିଯାନ'ରେ ସାମିଲ ପୂର୍ବକ ବାଇକ୍ ରାଲିରେ ବିଜୁ ପଟ୍ଟନାୟକ ଛକରୁ ବାହାରିଥିଲେ । ଏହି ରାଲିକୁ ଉପ ଜିଲ୍ଲାପାଳ ସୋନପୁର ସୁରଜ କୁମାର ପଟ୍ଟନାୟକ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥିଲେ । ଆଗକୁ ଜିଲ୍ଲାରେ ଶତ ପ୍ରତିଶତ ମତଦାନ ତଥା ନିରପେକ୍ଷ, ଅବାଧ ଓ ଶାନ୍ତି ଶୃଙ୍ଖଳା ସହ ନିର୍ବାଚନରେ ସାମିଲ ତଥା ସହଯୋଗ ପୂର୍ବକ ନିର୍ବାଚନକୁ ସଫଳ କରିବା ନିମନ୍ତେ ପ୍ରଶାସନ ତରଫରୁ ଆଗକୁ ସ୍ୱିପ ଅଭିଯାନରେ ୱାକାଥନ୍, ସାଇକେଲ ରାଲି, ଦସ୍ତଖତ ଅଭିଯାନ, ପୋଷ୍ଟ କାର୍ଡ ମାଧ୍ୟମରେ ଚିଠି, ନିର୍ବାଚନ ପାଠଶାଳା, ଦଳଗତ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ଭୋଟରଙ୍କୁ ନିଜ ମତଦାନ ସାବ୍ୟସ୍ତ ପାଇଁ ଅନୁପ୍ରାଣୀତ କରିବା ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗୋଟିଏ ଭୋଟର ମହତ୍ତ୍ୱ ବାବଦରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ସ୍ୱିପ' ଅଭିଯାନରେ ସାମିଲ ହେବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି । କାର୍ଯ୍ୟକ୍ରମ ଅବସରରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଇଂ ମନୋଜ କୁମାର ପଣ୍ଡା, ପୌରପରିଷଦର କର୍ମଚାରୀ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ ଜିଲ୍ଲାପାଳ ନିର୍ବାଚନ ଅଜିତ କୁମାର ତ୍ରିପାଠୀ, ନିର୍ବାଚନ ସହାୟକ ନୀଳାମ୍ବର ଶତପଥୀ, ବଣିକ ସଂଘ ସଭାପତି ଧୀରେନ୍ଦ୍ର ପଟ୍ଟନାୟକ ତଥା ପ୍ରଶାସନିକ ସମ୍ପୃକ୍ତ ଅଧିକାରୀ, ସାମ୍ବାଦିକ ପ୍ରମୁଖ ସାମିଲ ଥିଲେ ।

ଓରସକା ସ୍କୁଲରେ ନିର୍ମାଣ କାର୍ଯ୍ୟ ନିମ୍ନ ମାନର ଅଭିଯୋଗ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚକ୍ରୋଡା ପଞ୍ଚାୟତରେ ଥିବା ଓରସକା ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ସ୍କୁଲ ପରିସରରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ନିର୍ମାଣ ହେଉଥିବା କାମ ଅତି ନିମ୍ନମାନର ଏବଂ ମନମୁଖୀ ଭାବରେ ହେଉଥିବା ଜିଲ୍ଲାପାଳଙ୍କ ନିକଟରେ ସ୍କୁଲ କମିଟି ସଦସ୍ୟ ଅଭିଯୋଗ କରିବା ସହ କେନ୍ଦ୍ରାପଡା ବିଡିଓ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଅଭିଯୋଗ ପତ୍ର ପଠାଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାଇ ସ୍କୁଲ ପରିସରରେ ନିର୍ମାଣ ହେଉଥିବା ଗୃହଟି ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଥିବାବେଳେ ଏହି ଗୃହର ୬ଟି ପିଲାର ପାଇଁ ଏଷ୍ଟିମେଟ୍‌ରେ ଥିବାବେଳେ ଏହାକୁ ୩ ଗୋଟି ପିଲାରରେ ସଂଯୋଗ କରି ନିର୍ମାଣ କରୁଥିବା ଅଭିଯୋଗ ହୋଇଛି । ଏଥି ସହିତ ସ୍କୁଲ ପରିଚାଳନା କମିଟିକୁ ନଜଣାଇ ଏହି ଗୃହ ନିର୍ମାଣ ହେଉଥିବା କମିଟିର ସଦସ୍ୟମାନେ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । କାମ ନିମ୍ନମାନର ହେଉଥିବାରୁ ଭବିଷ୍ୟତରେ ଏହା ଭୁଶୁଡ଼ି ଯିବାର ଆଶଙ୍କା ରହିଛି । ଭବିଷ୍ୟତରେ ଛୋଟ ଛୋଟ ଶିଶୁ ମାନଙ୍କର ଜୀବନ ଉପରେ ଏହା ବିପଦ ହେବ ବୋଲି କମିଟି ପକ୍ଷରୁ ନେତ୍ରାନନ୍ଦ ପ୍ରଧାନ, ଦେବାଶିଷ ପଣ୍ଡା, ତୈଲୋକ୍ୟ ନାଥ ପ୍ରଧାନ ପ୍ରମୁଖଙ୍କ ସମେତ କେତେକ ଗ୍ରାମବାସୀ ଓ ସ୍କୁଲ ପରିଚାଳନା ସଦସ୍ୟ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ।

ଫ୍ଲାଟ୍ ମାଲିକ ସଂଘ ସଦସ୍ୟଙ୍କ ନିମନ୍ତେ ଭୋଟର ସଚେତନତା ସଭା

ବାଲେଶ୍ୱର, ନ୍ୟୁଜ୍

ଏକକାଳୀନ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଗାନ୍ଧୀ ସ୍ମୃତି ଭବନଠାରେ ସହରର ଫ୍ଲାଟ୍ ମାଲିକ ସଂଘର ସଦସ୍ୟମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋଗ ଦେଇଥିବା ୨୫ ରୁ ଊର୍ଦ୍ଧ୍ୱ ପ୍ରତିନିଧିମାନଙ୍କୁ ଦାୟିତ୍ୱବାନ ଭୋଟର ଭାବେ ସେମାନଙ୍କ ଭୂମିକା ଏବଂ ଦାୟିତ୍ୱ ସମ୍ପର୍କରେ ସଚେତନ କରାଇବା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମସ୍ତ ଉପସ୍ଥିତ ସଦସ୍ୟମାନେ ନିଜ ନିଜର ମତାଧିକାରକୁ ଅବାଧ ଓ ନ୍ୟାୟପୂର୍ଣ୍ଣ ଭାବେ ବ୍ୟବହାର କରିବେ ବୋଲି ଶପଥ ନେଇ ସଭା ଆରମ୍ଭ କରିଥିଲେ । ଶପଥ ଗ୍ରହଣ କରି ସଦର ବିଡିଓ ସମରଜିତ କର ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ବଳିଷ୍ଠ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । ଭୋଟର ପଞ୍ଜୀକରଣ, ମତଦାନ କେନ୍ଦ୍ରରେ ଚିହ୍ନଟ ଆବଶ୍ୟକତା, ଭିନ୍ନକ୍ଷମ ଭୋଟରଙ୍କ ପାଇଁ ଉପଲବ୍ଧ ବ୍ୟବସ୍ଥା ଏବଂ ପ୍ରାର୍ଥୀଙ୍କ ସୂଚନା ପାଇବା ପାଇଁ ଅନ୍‌ଲାଇନ୍ ସମ୍ବଳକୁ ନେଇ ରହିଥିବା ବିଭିନ୍ନ ସନ୍ଦେହକୁ ସେ ସ୍ପଷ୍ଟ କରିଥିଲେ । ଏହି ସଚେତନତା ଅଧିବେଶନ ପରେ ବିଭିନ୍ନ ଫ୍ଲାଟ୍ ମାଲିକ ସଂଘର ପ୍ରତିନିଧିମାନେ ଦାୟିତ୍ୱବାନ ଭାବେ ଭୋଟ ଦେବା ସହ ନିଜ ଫ୍ଲାଟ୍‌ରେ ଥିବା ଭୋଟରଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ଶପଥ ନେଇଥିଲେ । ଅଧିକ ଭୋଟର ଅଂଶଗ୍ରହଣ ଏବଂ ସମସ୍ତ ଜନସଂଖ୍ୟାରେ ମତଦାନକୁ ପ୍ରୋତ୍ସାହିତ କରିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୀଷ ଠାକରେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠିତ କରାଯାଇଛି ।

‘ଉତ୍ତମ ରାଷ୍ଟ୍ର ଗଠନରେ ଯୁବ ପିଢ଼ିଙ୍କ ସହଯୋଗ ଅନସ୍ୱୀକାର୍ଯ୍ୟ’

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ଭଦ୍ରକ କଲେଜ ପରିସର ସଂଲଗ୍ନ ‘ପ୍ରଜ୍ଞାପୀଠ’ ଠାରେ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କର ୧୨୭ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବର୍ଷିୟାନ ସ୍ୱାଧିନତା ସଂଗ୍ରାମୀ ତଥା ତତକାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ପରେ ଭାରତର ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂହ ପାଟିଲଙ୍କ ଦ୍ୱାରା ସମ୍ବର୍ଦ୍ଧିତ ବ୍ରଜ କିଶୋର ରାଉତ ଯୋଗଦେଇ ଉତ୍ତମ ରାଷ୍ଟ୍ର ଗଠନରେ ଯୁବ ପିଢ଼ିଙ୍କର ସହଯୋଗ ଅନସ୍ୱୀକାର୍ଯ୍ୟ ବୋଲି କହିଥିଲେ । ସମ୍ମାନିତ ବକ୍ତା ଓ ଅତିଥି ଭାବେ ଭଦ୍ରକ ସାହିତ୍ୟ ପରିଷଦର ଅଧ୍ୟକ୍ଷା ପ୍ର.ଡ. ରାଧାରାଣୀ ମହାପାତ୍ର ଓ ପ୍ରଗତିଶୀଳ ସାହିତ୍ୟ ପରିଷଦ ଭଦ୍ରକର ଅଧ୍ୟକ୍ଷ ବରିଷ୍ଠ

‘ପ୍ରଜ୍ଞାପୀଠ’ରେ ବାଞ୍ଛାନିଧି ଜୟନ୍ତୀ ପାଳିତ

ଆଇନଜୀବୀ ଗିରିଧାରୀ ନାଥ ଯୋଗଦେଇ ଦେଶପ୍ରୀତି ଓ ଜାତିପ୍ରୀତି ପ୍ରତ୍ୟେକ ନାଗରିକମାନଙ୍କର ପରମଧ୍ୟେୟ ହେବା ଉଚିତ । ଏହା ଦେଶକୁ ଓ ଜାତିକୁ ଉଚିତ୍ ମାର୍ଗରେ ପରିଚାଳିତ କରାଇବ ବୋଲି ନିଜ ନିଜର ବକ୍ତବ୍ୟରେ କହିଥିଲେ । ସଭାରେ ଅଧ୍ୟକ୍ଷତା କରିଥିଲେ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ତଥା “ଆମେ” ଅନୁଷ୍ଠାନର ଅଧ୍ୟକ୍ଷ ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି । ବକ୍ତବ୍ୟ ରଖିଥିବା ଅନ୍ୟ ବିଶିଷ୍ଟ ବୁଦ୍ଧିଜୀବୀମାନେ ହେଲେ ଗଙ୍ଗାଧର ମଲ୍ଲିକ, ଆଡଭୋକେଟ ଅଗଣୀ ଚରଣ ଜେନା, ଅଧ୍ୟାପିକା ମଧୁସ୍ମିତା ନାୟକ, ପ୍ରାଧ୍ୟାପିକା ଭାନୁମତି ମାଟିଆ, ପ୍ରାଧ୍ୟାପିକା ଉଷାରାଣୀ ଜେନା, ପ୍ରାଧ୍ୟାପକ ରାଜକିଶୋର ବାରିକ, ଗଦାଧର ସାହୁ, ସନ୍ତୋଷ କୁମାର କର, ଦିଲ୍ଲୀପ ନାୟକ, ତ୍ରିଲୋଚନ ପଣ୍ଡା, ଇଂ ଶଶାଙ୍କ ଶେଖର ପଣ୍ଡା, ଲକ୍ଷ୍ମୀକାନ୍ତ ବାରିକ, ରଜତ କୁମାର ସାହୁ, ମାଧବୀ ଲତା ନାୟକ,ଆଲୋକ କୁମାର ନାୟକ, ତନୁଶ୍ରୀ ନାୟକ, ସ୍ୱାଗତିକା ସାହୁ, ଆଦ୍ୟାଶା, ଆରାଧ୍ୟା ଏବଂ ଅସ୍ମିତା ନାୟକ । ଏହି ଅବସରରେ ବ୍ରଜ କିଶୋର ରାଉତ ସମ୍ବର୍ଦ୍ଧିତ ହୋଇଥିଲେ ଓ ପ୍ରଫେସର ଅଟଳ ବିହାରୀ ନାୟକଙ୍କର ୩ ଖଣ୍ଡ ପୁସ୍ତକ ଲୋକାର୍ପିତ ହୋଇଥିଲା । ଧନ୍ୟବାଦ ଅର୍ପଣ କରିଥିଲେ “ଆମେ” ଅନୁଷ୍ଠାନର ସମ୍ପାଦକ ପ୍ର.ଅଟଳ ବିହାରୀ ନାୟକ ।

ଟାଟା ଏସିଇ ଦୁର୍ଘଟଣା:ଅଳ୍ପକେ ବର୍ତ୍ତିଲେ ଚାଳକ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଜାତୀୟ ରାଜପଥ ନମ୍ବର ୫୭ର ବୌଦ୍ଧ ବ୍ଲକ ମର୍ଯାଦପୁର ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଏକ ନଡ଼ିଆ ବୋଝେଇ ଟାଟା ଏସିଇ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି । ଦୁର୍ଘଟଣାରେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ଗାଡ଼ିରେ ନଡ଼ିଆ ବୋଝେଇ ହୋଇ ଭୁବନେଶ୍ୱରରୁ ସୋନପୁର ଜିଲ୍ଲା ବିନିକାକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡିଥିଲା । ଖବରପାଇ ବୌଦ୍ଧ ଥାନା ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।

ଅସୁସ୍ଥ ଯାତ୍ରୀଙ୍କୁ ମୃତ ଘୋଷଣା କଲେ ଡାକ୍ତର

ଟିଟିଲାଗଡ଼, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗୀର ଜିଲ୍ଲାର ଲାଠୋର ଥାନା ଅନ୍ତର୍ଗତ ଲାଠୋର ଗ୍ରାମର କଠୁ ଭୋଇ (ବୟସ ୩୫) ବରସୁ ଭୋଇ ୧୨୮୦୭ ସମତା ସୁପରଫାଷ୍ଟ ଟ୍ରେନ୍‌ରେ ବିଶାଖାପାଟଣା ଠାରୁ ହରିଶଙ୍କରରୋଡ ପର୍ଯ୍ୟନ୍ତ ଆସୁଥିବା ସମୟରେ ଟିଟିଲାଗଡ଼ ରେଳ ଷ୍ଟେସନ୍‌ର ପ୍ଲାଟ୍‌ଫର୍ମରେ ଗାଡ଼ି ପ୍ରବେଶ କରୁଥିବା ସମୟରେ ପ୍ରାୟ ଅପରାହ୍ନ ଚାରିଟା ସମୟରେ ଏହି ଯୁବକ ହଠାତ୍ ଅଚେତ ହୋଇଯିବାରୁ ତାଙ୍କ ସହିତ ଆସୁଥିବା ସମ୍ପର୍କୀୟ ଟିଟିଲାଗଡ଼ ରେଳ ଷ୍ଟେସନରେ ଓହ୍ଲାଇ ଡିୟୁଟିରେ ଥିବା ଷ୍ଟେସନ୍‌ମାଷ୍ଟରଙ୍କ ଠାରୁ ହ୍ୱିଲ୍ ଚେୟାର ଆଣି ତୁରନ୍ତ ଟିଟିଲାଗଡ଼ ସରକାରୀ ଡାକ୍ତରଖାନାକୁ ଆଣି ପରୀକ୍ଷା କରିବାରୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏହି ସମ୍ପର୍କରେ ଟିଟିଲାଗଡ଼ ସରକାରୀ ରେଳବାଇ ଥାନାରେ ଏକ ଅପମୃତ୍ୟୁ ମାମଲା ପଞ୍ଜିକୃତ କରାଯାଇଛି । ଏହାର କେଶ ନମ୍ବର ୧୯/ ତା ୨୩.୦୪.୨୦୨୪ ଏହି ଘଟଣାକୁ ତଦନ୍ତ କରୁଛନ୍ତି ସହକାରୀ ଉପ-ନିରୀକ୍ଷକ ଗୀତାଞ୍ଜଳି ଭୋଇ ।

।।।।।।। ଧରଣୀଧର ବିଶ୍ୱବିଦ୍ୟାଳୟରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ ।।।।।।।

ପ୍ରଦୂଷଣ ମୁକ୍ତ ବିଶ୍ୱ ଗଠନ ପାଇଁ ସଂକଳ୍ପ

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି । ସୋମବାର ଧରଣୀଧର ବିଶ୍ୱ ବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ଶ୍ରେଣୀଗୃହରେ ଧରଣୀଧର ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ ମୁଖ୍ୟବକ୍ତା ଭାବେ ପ୍ରଫେସର ବନବିହାରି ମିଶ୍ର, ସମ୍ମାନ୍ନିତ ଅତିଥି ଭାବେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କୁମାର କର, ମୁଖ୍ୟଅତିଥି ଭାବେ ସ୍ନାତକୋତ୍ତର ପରିଷଦ ମୁଖ୍ୟ ପ୍ରଫେସର ସତ୍ୟବ୍ରତ ମିଶ୍ର, ଭୂତତ୍ତ୍ୱବିଜ୍ଞାନ ବିଭାଗୀୟ ମୁଖ୍ୟ

ପ୍ରକାଶ ଚନ୍ଦ୍ର ବେହେରା ଓ ସଂଯୋଜକ ଡକ୍ଟର ପ୍ରଭୁପ୍ରସାଦ ଦାସ ପ୍ରମୁଖ ଯୋଗଦେଇଥିଲେ । ବଢୁଥିବା ବିଶ୍ୱର ତାପମାତ୍ରା, ବଢୁଥିବା ପ୍ରଦୂଷଣ ମାତ୍ରା ଓ ଜଙ୍ଗଲ କ୍ଷୟକ୍ଷତି ଜନିତ ପ୍ରଦୂଷଣ ଉପରେ ଏହି କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା । ବିଶ୍ୱ ଧରିତ୍ରୀ ଦିବସରେ ଚଳିତ ବର୍ଷର ରହିଥିବା ଥିମ୍ ପ୍ଲାଷ୍ଟିକ୍ ଓ ପୃଥିବୀ ବିଷୟରେ ବିଶେଷ ଭାବେ ଆଲୋକପାତ କରିଥିଲେ । ପ୍ରଦୂଷଣରୁ ସାରା ବିଶ୍ୱକୁ ରକ୍ଷା କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇ ବହୁ ସଂଖ୍ୟାରେ ବୃକ୍ଷରୋପଣ କରିବା ପାଇଁ ଡକ୍ଟର ବନବିହାରି ମିଶ୍ର ପିଲାଙ୍କୁ ନିବେଦନ କରିଥିଲେ । ସମୁଦ୍ର ଗର୍ଭରେ ଏବେ ବହୁ ପରିମାଣର ପ୍ଲାଷ୍ଟିକ ଆବର୍ଜନା ଗଚ୍ଛିତ ହେବା ଘୋର ଚିନ୍ତାଜନକ ବିଷୟ ଏବଂ ସାରା ବିଶ୍ୱ ଏଥିପାଇଁ ପଦକ୍ଷେପ ଗ୍ରହଣ କରିବାର ସମୟ ଆସି ଯାଇଛି । ଆମେ ପ୍ରତିଦିନ ମାଇକ୍ରୋ ପ୍ଲାଷ୍ଟିକ୍ ଅଜାଣତରେ ବା ଜାଣତରେ ଗ୍ରହଣ କରିବା ଯୋଗୁ ଭୟଙ୍କର କ୍ୟାନ୍‌ସର ପରି ରୋଗରେ ପୀଡିତ ହେଉଛୁ ବୋଲି ପ୍ରଫେସର ମହାନ୍ତି କହିଥିଲେ । ବିଶ୍ୱକୁ ପ୍ଲାଷ୍ଟିକ୍ କବଳରୁ ମୁକ୍ତ କରିବା ପାଇଁ ସମସ୍ତେ ଏକ୍‌ଜୁଟ୍ ହୋଇ କାର୍ଯ୍ୟ କରିବାକୁ ପଡିବ ବୋଲି ସେ ଉଦ୍‌ବୋଧନ ଦେଇଥିଲେ । ବହୁ ପରିମାଣରେ ବୃକ୍ଷ ରୋପଣ ଓ ପରିବେଶର ସନ୍ତୁଳନ ହିଁ ବିଶ୍ୱ ଧରିତ୍ରୀ ଦିବସର ଅନୁଚିନ୍ତା ବୋଲି ପ୍ରଦୂଷଣ ନିୟନ୍ତ୍ରଣ ଆଞ୍ଚଳିକ ମୁଖ୍ୟ ଶ୍ରୀ କର କହିଥିଲେ । ଏହି କାର୍ଯ୍ୟକ୍ରମରେ ଡକ୍ଟର ପ୍ରଶାନ୍ତ କୁମାର ମିଶ୍ର, ଡକ୍ଟର ବିଶ୍ୱରଞ୍ଜନ ଧଳ, ଡକ୍ଟର ନବଘନ ମଲିକ, ଡକ୍ଟର ସୂଚିସ୍ମିତା ଆଚାର୍ଯ୍ୟ, ଡ଼ ବିଜୟଲକ୍ଷ୍ମୀ ମହାପାତ୍ର, ଅନିନ୍ଦିତା ରାୟ ପ୍ରମୁଖ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

ଦୁର୍ଘଟଣାରେ କିରୋସିନି ହୋଲ୍‌ସେଲର ଗୁରୁତର

ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ

ନିଶ୍ଚିନ୍ତକୋଇଲି ବ୍ଲକର ବିଶଷ୍ଟ କିରୋସିନି ହୋଲ୍‌ସେଲର ଗୁରୁଚରଣ ସାହୁ ଏକ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଛନ୍ତି । ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାର ଜଣାଯାଇଛି । ବଡଖିର ଗ୍ରାମପଞ୍ଚାୟତ ଗୋପପୁର ଗ୍ରାମର ଶ୍ରୀ ସାହୁ ସ୍ଥାନୀୟ କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଥିବା ତାଙ୍କ ଘର ନିକଟରେ ଏକ ବାଇକ୍ ଯୋଗେ ଯାଉଥିଲା ବେଳେ ତାଙ୍କୁ ଏକ ଅଚିହ୍ନା ଗାଡି ଧକା ଦେଇଥିଲା । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ଓ ପରେ କଟକର ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିବା ଜଣାଯାଇଛି । ତାଙ୍କର ସ୍ୱାସ୍ଥ୍ୟଅବସ୍ଥା ସଙ୍କଟାପନ୍ନ ଥିବାର ଜଣାଯାଇଛି ।

ଆଠଗଡ଼ରେ ବୃଦ୍ଧ ଦମ୍ପତିଙ୍କ ଭଉା ଟଙ୍କା ହଡ଼ପ ଅଭିଯୋଗ

ଆଠଗଡ଼, ନ୍ୟୁଜ୍ ବ୍ୟୁରୋ

ଆଠଗଡ଼ ବ୍ଲକର ମହାକାଳବସ୍ତ ଗ୍ରାମପଞ୍ଚାୟତ ଦହିସରା ଗ୍ରାମର ବରିଷ୍ଠ ନାଗରିକଙ୍କ ବର୍ଦ୍ଧିତ ଭଉା ଟଙ୍କା ଉଠାଇବା ଘଟଣା ଜଣାପଡ଼ିବା ପରେ ଆଠଗଡ଼ ବ୍ଲକ ପ୍ରଶାସନ କିଛି ନଜାଣିବାର ଅଭିନୟ କରୁଛି । ଦହିସରା ଗ୍ରାମର ଦୁଇ ଜଣ ବରିଷ୍ଠ ନାଗରିକ ରବିନ୍ଦ୍ର ଦାସ (୭୮) ଏବଂ ତାଙ୍କର ସ୍ତ୍ରୀ ରମ୍ଭା ଦାସ (୭୨)ଙ୍କର ଗତ ଦୁଇ ମାସର ବର୍ଦ୍ଧିତ ଭଉା ଟଙ୍କା ସେହି ଗ୍ରାମର ଜଣେ ଉଠାଇ ନେଇଥିବା ଜଣାପଡିଛି । ବୃଦ୍ଧ ଦମ୍ପତି ରାଉରକେଲାରେ ରହୁଥିବା ବେଳେ

ପକ୍ଷାତୀତ
30 YEARS
ସମ୍ବାଦ କଳିକା

ଭାରତୀୟ ଅର୍ଥନୀତିର ଆକାର ୫୨.୫ ଲକ୍ଷ କୋଟି ଡଲାରରେ ପହଞ୍ଚିବ

୨୦୭୫ ମସିହା ସୁଦ୍ଧା ଭାରତ ହେବ ବିଶ୍ୱର ଦ୍ୱିତୀୟ ବଡ଼ ଅର୍ଥନୀତି। ସେହି ସମୟ ସୁଦ୍ଧା ଭାରତୀୟ ଅର୍ଥନୀତିର ଆକାର ୫୨.୫ ଲକ୍ଷ କୋଟି ଡଲାରରେ ପହଞ୍ଚିବ, ଯାହାକି ଏବେ ୪.୧୧ ଲକ୍ଷ କୋଟି ଡଲାରରେ ରହିଛି। ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ରହିଛି। ପ୍ରଥମ ସ୍ଥାନରେ ଆମେରିକା ଥିବାବେଳେ ଦ୍ୱିତୀୟରେ ଚୀନ, ତୃତୀୟରେ ଜର୍ମାନୀ ଏବଂ ଚତୁର୍ଥରେ ଜାପାନ ରହିଛି। ଅନୁମାନ କରାଯାଉଛି ଯେ ୨୦୨୭ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବଡ଼ ଅର୍ଥନୀତିରେ ପରିଣତ ହେବ। ତେବେ ଗୋଲ୍ଡମ୍ୟାନ ସାଚ୍ସର ଆକଳନ ଅନୁଯାୟୀ, ବିଶ୍ୱର ୧୦ଟି ବଡ଼ ଅର୍ଥନୀତି ମଧ୍ୟରେ ୨୦୭୫ ସୁଦ୍ଧା ୪ଟି ଇସଲାମୀୟ ଦେଶ ରହିବେ। ସେଗୁଡ଼ିକ ହେଲେ ଇଣ୍ଡୋନେସିଆ, ନାଇଜେରିଆ, ପାକିସ୍ତାନ ଏବଂ ମିସର। ୧୩.୭ ଲକ୍ଷ କୋଟି ଡଲାର ସହିତ ଇଣ୍ଡୋନେସିଆ ବିଶ୍ୱର ଚତୁର୍ଥ ବଡ଼, ୧୩.୧ ଲକ୍ଷ କୋଟି ଡଲାର ସହିତ ନାଇଜେରିଆ ପଞ୍ଚମ ବୃହତ୍ ଏବଂ ୧୨.୩ ଲକ୍ଷ କୋଟି ଡଲାର ସହିତ ପାକିସ୍ତାନ ଷଷ୍ଠ ବୃହତ୍ ଏବଂ ୧୦.୪ ଲକ୍ଷ କୋଟି ଡଲାର ସହିତ ମିଶର ସପ୍ତମ ବୃହତ୍ ଅର୍ଥନୀତି ହେବ।

ଉକ୍ତ ସଂସ୍ଥାର ଅନୁମାନ ଅନୁଯାୟୀ, ୨୦୭୫ ସୁଦ୍ଧା ଚୀନ ସବୁଠୁ ବଡ଼ ଅର୍ଥନୀତି ହେବ। ସେତେବେଳକୁ ଚୀନର ଅର୍ଥନୀତି ଆକାର ୫୭ ଲକ୍ଷ କୋଟି ଡଲାରରେ ପହଞ୍ଚିବ। ବର୍ତ୍ତମାନ ଚୀନ ଅର୍ଥନୀତିର ଆକାର ୧୮.୫୬ ଲକ୍ଷ କୋଟି ଡଲାର ରହିଛି। ଆମେରିକା ଏବେ ୨୭.୯୭ ଲକ୍ଷ କୋଟି ଡଲାର ସହିତ ବିଶ୍ୱର ସବୁଠୁ ବଡ଼ ଅର୍ଥନୀତି ଭାବେ ପରିଗଣିତ ହେଉଛି। କିନ୍ତୁ ୨୦୭୫ ବେଳକୁ ଏହା ତୃତୀୟ ସ୍ଥାନକୁ ଖସିଆସିବ। ଏହି ଅର୍ଥନୀତିର ଆକାର ୫୧.୫ ଲକ୍ଷ କୋଟି ଡଲାର ରହିବ। ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ଥିବା ଜର୍ମାନୀ ୨୦୭୫ ବେଳକୁ ନବମ ସ୍ଥାନରେ ରହିଥିବ। ସେହିଭଳି ଏବେ ଚତୁର୍ଥ ସ୍ଥାନରେ ଥିବା ଜାପାନ ୨୦୭୫ ବେଳକୁ ଦ୍ୱାଦଶ ସ୍ଥାନକୁ ଖସିଯିବ। ୨୦୭୫ ବେଳକୁ ବ୍ରାଜିଲ ଅଷ୍ଟମ ଏବଂ ମେକ୍ସିକୋ ଦଶମ ବୃହତ୍ ଅର୍ଥନୀତିରେ ପରିଣତ ହୋଇଥିବ। ବର୍ତ୍ତମାନ ୧.୫୧ ଲକ୍ଷ କୋଟି ଡଲାର ସହିତ ଇଣ୍ଡୋନେସିଆ ଷୋଡ଼ଶ, ୧.୩୪ ଲକ୍ଷ କୋଟି ଡଲାରା ସହିତ ତୁର୍କୀ ସପ୍ତଦଶ, ୧.୧୧ ଲକ୍ଷ କୋଟି ଡଲାର ସହିତ ସାଉଦି ଆରବ ଉନବିଂଶ ସ୍ଥାନରେ ରହିଛନ୍ତି। ଆର୍ଥିକ ସଂକଟ ଭିତରେ ଥିବା ପାକିସ୍ତାନ ଅର୍ଥନୀତିର ଆକାର ଏବେ ମହାରାଷ୍ଟ୍ରର ଅର୍ଥନୀତି ସହ ମଧ୍ୟ ସମାନ ସ୍ତରରେ ନାହିଁ।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ଶ୍ରୀ ଅଭିରାମ ସରସ୍ୱତୀ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗସ୍ତା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମୁସ୍ତେ ।'

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)
ତୋର ନାମ ତୋରଞ୍ଜାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତଙ୍କୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡ୍ରସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ତା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ତ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

ଶ୍ରୀ ସତ୍ୟସାଇ ମହିମା-୨୫୭

ହନୁମନ୍ତ ରାଓଙ୍କ ପତ୍ନୀଙ୍କୁ ଖୋଦିତ କାଚପାତ୍ର ଓ କୃଷ୍ଣମୂର୍ତ୍ତି ପ୍ରଦାନ

ଭି : ହନୁମନ୍ତ ରାଓ ପୂର୍ବତନ ମାଦ୍ରାଜ ପ୍ରେସିଡେନ୍‌ସିର ଟ୍ରାନ୍‌ସପୋର୍ଟ କମିଶନର ଥିଲେ। ସେ ତାଙ୍କ ପତ୍ନୀ ପ୍ରଥମେ ସତ୍ୟସାଇ ବାବାଙ୍କୁ ୧୯୪୬ ମସିହାରେ ଦେଖିଥିଲେ। ସାଇବାବା ସେମାନଙ୍କ ସହ ତାଙ୍କ ଗାଡ଼ିରେ ବେଳେ ବେଳେ ବୁଲି ବାହାରୁଥିଲେ। ସେତେବେଳେ ବାବା ଖୁସିମନରେ ଗୀତ ଗାଉଥିଲେ। ସେ ରାଓ ଦମ୍ପତିଙ୍କୁ କୌଣସି ଅଦିନିଆ ଫଳ ବା ଖାଦ୍ୟର ନାମ ପଚାରୁଲେ। ବାବା ତାଙ୍କର ଅଙ୍ଗଭଙ୍ଗୀ ମାଧ୍ୟମରେ ତତ୍‌କ୍ଷଣାତ ଉକ୍ତ ଦମ୍ପତିଙ୍କ ଅନୁରୋଧ ଅନୁସାରେ ଦ୍ରବ୍ୟ ସୃଷ୍ଟି କରି ପାରୁଥିଲେ। ସେମାନଙ୍କ ଘରେ ବାବା ରହୁଥିବା ବେଳେ ବାବା ସ୍ୱାଭାବିକ ସ୍ୱତଃ ସ୍ଫୁର୍ତ୍ତ ଓ ଦାୟିତ୍ୱ ମୁକ୍ତ ଶିଶୁ ଭଳି ଚଳୁଥିଲେ। କିନ୍ତୁ ତ୍ରଲୋକୟ ସମସ୍ତ ଶକ୍ତିକୁ ନିର୍ଦ୍ଦେଶନା ଦେବା ପାଇଁ ତାଙ୍କର କ୍ଷମତା ଥିଲା। ଥରେ କୃଷ୍ଣ ଜନ୍ମଷ୍ଟମୀ ଦିନ ହନୁମନ୍ତ ରାଓଙ୍କ ବୈଠକ ଖାନା ପରେ ପଦଚାରଣ କରୁ କରୁ ବାବା ଶ୍ରୀମତୀ ରାଓଙ୍କ ପାଖକୁ ଆସି କହିଲେ, '' ମୋ ହାତରେ ମିଷ୍ଟାନ୍ନ ପାତ୍ର ଦେବା ପାଇଁ ଏଠାରେ କେତେକ ଦେବତା ଅପେକ୍ଷା କରିଛନ୍ତି।'' ରାଓଙ୍କ ପତ୍ନୀ କିଛି ଦେଖି ନପାରି ବାବାଙ୍କୁ ଚାହିଁ ରହିଥିବା ବେଳେ ବାବା ଦୁଇହାତ ଉପରକୁ ବଢେଇ କୌଣସି ଅଦୃଶ୍ୟ ଲୋକ ହାତରୁ ଏକ ବଡ ଖୋଦିତ କାଚପାତ୍ର ଗ୍ରହଣ କଲେ। ଏହାକୁ ବାବା ଶ୍ରୀମତୀ ରାଓଙ୍କ ହାତକୁ ବଢେଇ ଦେଲେ। ଶ୍ରୀମତୀ ରାଓ ଦେଖିଲେ ପାତ୍ରରେ ଭାରତର ବିଭିନ୍ନ ରାଜ୍ୟର

ଅସଂଖ୍ୟ ପ୍ରକାର ଦିବ୍ୟ ସୁସ୍ୱାଦୁ ମିଷ୍ଟାନ୍ନ ପୂର୍ଣ୍ଣ ହୋଇ ରହିଛି। ଏହି ଘଟଣା ପରେ ସତ୍ୟସାଇ ବାବା ଗୋଟିଏ ଉତ୍ତରୀୟ ଆଣିବାକୁ କହିଲେ। ଏହାକୁ ସେ ପରିଧାନ କରି ନାନାବାୟା ଗୀତଗାଇ ଶିଶୁକୃଷ୍ଣଙ୍କୁ କୋଳ କରିଥିବା ଜଣେ ଧାତ୍ରୀର ଅଭିନୟ କଲେ ଏବଂ ଶିଶୁ କୃଷ୍ଣଙ୍କୁ ଶୋଇଦେବା ପାଇଁ ଥାପୁଡାଇ ଥିଲେ। ତା'ପରେ ଉତ୍ତରୀୟ ଭିତରୁ କାଠରେ ଖୋଦିତ ଏକ ସୁନ୍ଦର କୃଷ୍ଣ ମୂର୍ତ୍ତି ବାହାର କରି ଆଣିଲେ। ଏ ମୂର୍ତ୍ତିଟିକୁ ମଧ୍ୟ ବାବା ଶ୍ରୀମତୀ ରାଓଙ୍କୁ ପ୍ରଦାନ କଲେ। ରାଓ ଦମ୍ପତି ଉଭୟ ଖୋଦିତ କାଚପାତ୍ର ଓ ଖୋଦିତ କୃଷ୍ଣମୂର୍ତ୍ତି ଦୁଇଟିକୁ ତାଙ୍କ ପୂଜା ଘରେ ସ୍ଥାନ ଦେଲେ। ଏହାପରେ ହନୁମନ୍ତ ରାଓ ନିଶ୍ଚିତ ହେଲେ ଯେ ଅନ୍ୟ ଏକ ଜଗତର ଜୀବମାନ ସତ୍ୟଙ୍କର ଆଶା ପାଳନ କରୁଥିଲେ। (କ୍ରମଶଃ)

ବିପ୍ଳବୀ କୃପାସିନ୍ଧୁ

ପ୍ରଭୁକଲ୍ୟାଣ ମହାପାତ୍ର
ମୋ : ୯୯୩୭୭୧୧୩୮୯

ସ୍ୱାଧୀନତା ସଂଗ୍ରାମୀ କୃପାସିନ୍ଧୁ ଦାଶ ଆଜୀବନ ବିପ୍ଳବୀ ଥିଲେ । ବୈପ୍ଳବିକ ଚିନ୍ତାଧାରାର ଝଲକ ତାଙ୍କ ଠାରେ ପିଲାଦିନରୁ ହିଁ ପରିଲକ୍ଷିତ ହୋଇଥିଲା। ଜୀବଦ୍ଦଶାରେ ସେ ଏଭଳି କେତେକ ପଦକ୍ଷେପ ଗ୍ରହଣ କରିଥିଲେ, ଯାହାକି ତାଙ୍କୁ ନିଜ ସମୟର ଜଣେ ଅଗ୍ରଣୀ ସତ୍ୟାଗ୍ରହୀର ସମ୍ମାନ ଦେଇଥିଲା । ତେବେ ତାଙ୍କର ସେହି ଦୂରଦୃଷ୍ଟି ସଂପନ୍ନ ପ୍ରଗତିଶୀଳ ବୈପ୍ଳବିକ ଚିନ୍ତାଧାରାକୁ ତଦାନୀନ୍ତନ ସମାଜ ଏବଂ ପରିବାରବର୍ଗ ବୁଝିବା ପାଇଁ ସମର୍ଥ ହୋଇନଥିଲେ । ସେଥିଯୋଗୁଁ ସେ ଜୀବଦ୍ଦଶାରେ ଅନେକ ଭୁଲ ବୁଝାମଣାର ଶୀକାର ହୋଇ ଅକଥନୀୟ ଦୁର୍ଦ୍ଦଶାକୁ ସାମ୍ନା କରିଥିଲେ । ଏହା ସତ୍ତ୍ୱେ ଦୃଢ ମନା କୃପାସିନ୍ଧୁ "ଏକଲା ଚଲୋ" ନୀତି ଆପଣେଇ ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ନିଜ ସିଦ୍ଧାନ୍ତରେ ଅଟଳ ରହିଥିଲେ ।

ଓଡିଶାର ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ'ର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର କୃପାସିନ୍ଧୁ ଥିଲେ ଅନ୍ୟତମ ଧର୍ମ ପୁତ୍ର (ଧରମ ପୁଅ) । କାନ୍ତକବିଙ୍କ ଗାଁ ଭଦ୍ରକ ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ତାଳପଦା ଗ୍ରାମର ଏକ କୁଳୀନ ବ୍ରାହ୍ମଣ ପରିବାରରେ କୃପାସିନ୍ଧୁ ଜନ୍ମ ଗ୍ରହଣ କରିଥିଲେ । ପିଲାଟିଦିନରୁ ହିଁ ସେ କାନ୍ତକବିଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ 'ଗୋପୀନାଥ ସଂଗୀତ ସମାଜ' ଥିଏଟର ପାର୍ଟିର ସଦସ୍ୟ ଥିଲେ । ଗୌର ବର୍ଣ୍ଣ, ସୁନ୍ଦର ଚେହେରା ସହିତ ନୃତ୍ୟ, ସଂଗୀତ ଓ ଅଭିନୟରେ ବିଶେଷ ଆଗ୍ରହ ରଖିଥିବା ଯୋଗୁଁ ସେ କାନ୍ତକବିଙ୍କ ରଚିତ ପୌରାଣିକ ନାଟକଗୁଡିକରେ 'ରାଧା' ଭୂମିକାରେ ଅବତୀର୍ଣ୍ଣ ହେଉଥିଲେ । ଏପରିକି ସେହି ଥିଏଟର ପାର୍ଟିର ସଦସ୍ୟ ଭାବରେ ସେ କାନ୍ତକବିଙ୍କ ସହିତ ଆରତି (ଆଖଣ୍ଡଳମଣି ଧାମ), ପୁରୀ (ଜଗନ୍ନାଥ ଧାମ), ନୀଳଗିରି ପ୍ରଭୃତି ଅଞ୍ଚଳ ଗସ୍ତ କରିଥିଲେ । ଉକ୍ତ ଥିଏଟର ପାର୍ଟିରେ ସାମିଲ ହୋଇଥିବା ଅନ୍ୟ ପିଲାଙ୍କ ଭଳି କୃପାସିନ୍ଧୁ ମଧ୍ୟ କାନ୍ତକବି ଓ ତାଙ୍କ ପତ୍ନୀ ଲବଙ୍ଗଲତାଙ୍କୁ ଯଥାକ୍ରମେ ବାବା ଏବଂ ବୋଉ ବୋଲି ସମ୍ବୋଧନ କରୁଥିଲେ । ଅର୍ଥାତ୍ ପିଲାଟି ଦିନରୁ ହିଁ କୃପାସିନ୍ଧୁ କାନ୍ତକବିଙ୍କ ପରିବାର ସହିତ ଯୋଡ଼ି ହୋଇ ଯାଇଥିଲେ ।

ସ୍ୱାସ୍ଥ୍ୟଗତ କାରଣରୁ କାନ୍ତକବି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଆନ୍ଦୋଳନ ଏବଂ ସ୍ୱାଧୀନତା ସଂଗ୍ରାମରେ ନିଜେ ସକ୍ରିୟ ଭାବେ ଅଂଶଗ୍ରହଣ କରି ପାରିନଥିଲେ । ମାତ୍ର ନିଜର ଜ୍ୱାଳାମୟୀ ଆଲେଖ୍ୟ ମାଧ୍ୟମରେ ଲୋକଙ୍କ ମନରେ ଉଗ୍ର ଜାତୀୟତା ମନୋଭାବ ଉଦ୍ରେକ କରି ସେ ଉପରୋକ୍ତ ଦୁଇଟି ଯାକ ଆନ୍ଦୋଳନକୁ ବେଶ୍ ତେଜୀୟାନ କରିଥିଲେ । କାନ୍ତକବିଙ୍କ ଉଗ୍ର ଦେଶପ୍ରୀତି କିଶୋର କୃପାସିନ୍ଧୁଙ୍କ ଜୀବନକୁ ଯଥେଷ୍ଟ ପରିମାଣରେ ଆନ୍ଦୋଳିତ କରିଥିଲା । ଫଳରେ କୃପାସିନ୍ଧୁ କିଶୋର ଅବସ୍ଥାରୁ ହିଁ ଜାତୀୟ ଆନ୍ଦୋଳନ ବା ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଯାଇଥିଲେ । ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ କୃପାସିନ୍ଧୁ ଲବଣ ସତ୍ୟାଗ୍ରହରେ ଝାସ ଦେଇଥିଲେ । ଆଇନ ଅମାନ୍ୟ ଅଭିଯୋଗରେ ବ୍ରିଟିଶ ସରକାର ତାଙ୍କୁ ବାଲେଶ୍ୱର ଜେଲରେ ବନ୍ଦୀ କରି ରଖିଥିଲେ । ସେହିପରି ଭାରତଛାଡ ଆନ୍ଦୋଳନ ସମୟରେ ସେ ବାନର ସେନା ସଭ୍ୟ ରୂପେ ଅଟକ ବନ୍ଦୀ ହୋଇ ରହିଥିଲେ । ପିଲା ଦିନେ କୃପାସିନ୍ଧୁ ନାମୀଦାମୀ ସଂଗ୍ରାମୀଙ୍କୁ ସୁରକ୍ଷା ଦେବା ପାଇଁ ସେମାନଙ୍କୁ ନିଜ ଘରେ ଲୁଚାଇ ରଖିଥିଲେ । ସେଥି ନିମନ୍ତେ ସେ ନିଜର ଇଷ୍ଟ ଦେବତା ଶ୍ରୀ ଶ୍ରୀ ଗୋପାଳ ଜୀଉଙ୍କୁ ମଧ୍ୟ ସ୍ଥାନାନ୍ତର କରି ଦେଇଥିଲେ । ସନ୍ଥ ବିନୋବା ଭାବେଙ୍କ ଆଦର୍ଶର ଛାପ ମଧ୍ୟ କୃପାସିନ୍ଧୁଙ୍କ ଜୀବନରେ ପରିଲକ୍ଷିତ ହୋଇଥିଲା । ଭୂଦାନ ଆନ୍ଦୋଳନରେ ନିଜକୁ ସାମିଲ କରି ସେ ପରିବାରବର୍ଗଙ୍କ ଇଚ୍ଛା ବିରୁଦ୍ଧରେ ପୈତୃକ ଭୂସମ୍ପତ୍ତିର କିଛି ଭାଗ

ହରିଜନମାନଙ୍କୁ ଦାନ କରି ଦେଇଥିଲେ।

ସ୍ୱାଧୀନତା ସଂଗ୍ରାମ କାଳରେ କୃପାସିନ୍ଧୁ ବିପ୍ଳବୀ ଭୂମିକା ନିର୍ବାହ କରି ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମ ଗୁଡିକରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଅସ୍ପୃଶ୍ୟତା ନିବାରଣ, ନିଶାମୁକ୍ତି ଅଭିଯାନ, ଯୌତୁକ ନିରୋଧ, ଖଦୀର ପ୍ରସାର, ସର୍ବୋଦୟ କାର୍ଯ୍ୟକଳାପ ଭଳି ରଚନାତ୍ମକ କାର୍ଯ୍ୟରେ ସେ ନିଜକୁ ବ୍ୟାପୃତ ରଖିଥିଲେ । ତେବେ ପରିବାର ପ୍ରତିପୋଷଣ ପାଇଁ କୃପାସିନ୍ଧୁ ଧାନ ଚାଷ, ଗୋପାଳନ, ମହୁମାଛି ଚାଷ, ତେଜରାତି ଦୋକାନ ଭଳି କାର୍ଯ୍ୟପନ୍ଥାକୁ ଆପଣେଇ ନେଇଥିଲେ । ଏସବୁ ସତ୍ତ୍ୱେ ସଂଗୀତ ପାଇଁ ତାଙ୍କ ମନରେ ଅହେତୁକ ଦୁର୍ବଳତା ଥିଲା । ତେଣୁ ପରିଣତ ବୟସରେ ମଧ୍ୟ ସେ ହାରମୋନିୟମ ବଜାଇ କାନ୍ତ ସଂଗୀତ ଗାନ କରୁଥିଲେ। ତାଳପଦା ଗ୍ରାମର ଉଭୟ ବାଳକ ଓ ବାଳିକା ବିଦ୍ୟାଳୟରେ ସେ ବହୁ ବର୍ଷ ଧରି ଅବୈତନିକ ସଂଗୀତ ଶିକ୍ଷକ ଭାବରେ କାର୍ଯ୍ୟ ସଂପାଦନ କରିଥିଲେ। କୃପାସିନ୍ଧୁ ମୋ ବାପା (କାନ୍ତକବିଙ୍କ କନିଷ୍ଠ ପୁତ୍ର ଗୌରଚନ୍ଦ୍ର)ଙ୍କ ଠାରୁ ବୟସରେ ବଡ ଥିଲେ । ତେଣୁ ଆମେ ସବୁ ଭାଇ ଭଉଣୀ ତାଙ୍କୁ 'କୃପା ବଡବା' ବୋଲି ସମ୍ବୋଧନ କରୁଥିଲୁ। ପିଲାଦିନେ ମୁଁ ଭୁବନେଶ୍ୱରରେ ପାଠ ପଢୁଥିଲି ଓ ଖରାଦିନ ଛୁଟିରେ ଗାଁକୁ ଯାଉଥିଲି । ସେତେବେଳେ ପ୍ରତ୍ୟେକ ସଂଧ୍ୟାରେ ଆମ ଘରେ କାନ୍ତ ସଂଗୀତ ଆସର ଅନୁଷ୍ଠିତ ହେଉଥିଲା । ସଂଧ୍ୟା ସମୟରେ କୃପା ବଡବା ଆମ ଘରେ ପହଞ୍ଚି ଯାଉଥିଲେ ଓ ଆମେ ଭାଇଭଉଣୀମାନେ କାନ୍ତକବିଙ୍କ ରଚିତ ଗୀତ ବା କାନ୍ତ ସଂଗୀତ ସବୁ ଗାନ କରୁଥିଲୁ । କୃପା ବଡବା ହାରମୋନିୟମରେ ସ୍ୱର ଦେଇ ପ୍ରଥମେ ଗୀତର ଗୋଟିଏ ପଦ ବୋଲିବା ପରେ ଆମେମାନେ ତା'ର ପାଳି ଧରୁଥିଲୁ । ଆମେ ଗୀତ ବୋଲିବାରେ ସାମାନ୍ୟ ଭୁଲ୍ କଲେ, ତାହା ସଠିକ୍ ନହେବା ପର୍ଯ୍ୟନ୍ତ ସେ ସଂଶୋଧନ କରି ଚାଲୁଥିଲେ । ଏଥିରେ କେବେହେଲେ ତାଙ୍କର ଧୈର୍ଯ୍ୟଚ୍ୟୁତି ଘଟୁନଥିଲା ବରଂ କାନ୍ତ ସଂଗୀତ ପରିବେଷଣ କାଳରେ ସେ ଗଭୀର ଭାବରେ ତନ୍ମୟ ହୋଇ ଯାଉଥିଲେ । ସଂଗୀତ ଆସରର ମଧ୍ୟାନ୍ତର ବା ବିରତି ସମୟରେ କୃପା ବଡବା ତାଙ୍କ ସଂଗ୍ରାମୀ ଜୀବନର ଅନେକ ଅଙ୍ଗେନିଭା କଥା ଆମମାନଙ୍କୁ ଶୁଣାଉଥିଲେ । ଥରେ ସେ କହିଥିଲେ – ଜାତୀୟ ଆନ୍ଦୋଳନ ସମୟରେ କଂଗ୍ରେସ ବାର୍ତ୍ତା ପ୍ରଚାର ପାଇଁ ଗୋପବନ୍ଧୁ ଚୌଧୁରୀ, ରମା ଦେବୀ ଓ ହରେକୃଷ୍ଣ ମହାତାବ ବାବା (କାନ୍ତକବି)ଙ୍କୁ ସାକ୍ଷାତ କରିବା ଲାଗି ତାଳପଦା ଗ୍ରାମକୁ ଆସିଥିଲେ । ସେହି ପରିପ୍ରେକ୍ଷୀରେ ସେମାନଙ୍କୁ ସମ୍ବର୍ଦ୍ଧନା ଜଣାଇବା ଲାଗି କାନ୍ତକବି ଗାଁରେ ଗୋଟିଏ ସଭାର ଆୟୋଜନ କରିଥିଲେ। ଉକ୍ତ ସମ୍ବର୍ଦ୍ଧନା ସଭାଟି ଏକ ପ୍ରାରମ୍ଭିକ ସଂଗୀତରୁ ହିଁ ଆରମ୍ଭ ହୋଇଥିଲା, ଯାହାକୁ କାନ୍ତକବି ତତ୍‌କ୍ଷଣାତ୍ ଲେଖି ସ୍ୱର ସଂଯୋଜନା କରିଥିଲେ । କାନ୍ତକବିଙ୍କ ଗ୍ରନ୍ଥାବଳୀ "କାନ୍ତ ସାହିତ୍ୟମାଳା"ରେ ତାଙ୍କର ଅନେକ ଲେଖା ସ୍ଥାନ ପାଇନଥିବା ଭଳି ସେହି ପ୍ରାରମ୍ଭିକ ସଂଗୀତଟି ମଧ୍ୟ ସ୍ଥାନିତ ହୋଇପରିନାହିଁ । ତେବେ ମୋର ସାନ ଭାଇ ଗୋପୀକଲ୍ୟାଣ ଉକ୍ତ ସଂଗୀତ ଓ ତା'ର ସ୍ୱରକୁ ଏବେବି ମନେ ରଖିଛି। ଏହି ଅବସରରେ ଗୋଟିଏ କୌତୁକପ୍ରଦ ଘଟଣା ଘଟିଥିଲା, ଯାହାକୁ କୃପା ବଡବା ଆମକୁ ଅନେକ ଥର କହିଥିଲେ । ତାହା ହେଉଛି ରମା ଦେବୀଙ୍କୁ କେହି ଜଣେ ପ୍ରଶ୍ନ ପଚାରିଥିଲେ 'ଆପଣ ଗାନ୍ଧିଜୀ ଓ ସ୍ୱାମୀ ଗୋପବନ୍ଧୁ ଚୌଧୁରୀଙ୍କ ମଧ୍ୟରୁ କାହାକୁ ବେଶୀ ଭଲ ପାଆନ୍ତି ?' ଭୁଆଶୁଣୀ ଅର୍ଥାତ୍ ସଦ୍ୟ ବିବାହିତା ରମା ଦେବୀ ଏହି ଜଟିଳ ପ୍ରଶ୍ନର ସଂକ୍ଷିପ୍ତ ସରଳ ଉତ୍ତରଟିଏ ଦେଇଥିଲେ । ଗୋପବନ୍ଧୁ ଚୌଧୁରୀଙ୍କ ପିଠିରେ ସେ 'ସେବା' ବୋଲି ନିଜ ହାତରେ ଲେଖି ଦେଇଥିଲେ । ଏହାର ଅର୍ଥ ହେଉଛି, 'ସେବା'କୁ ହିଁ ସେ ସବୁଠାରୁ ଅଧିକ ଭଲ ପାଆନ୍ତି ।

ସେହିପରି ପୁରୀ ଠାରେ ସଂଘଟିତ ଅନ୍ୟ ଏକ ମଜା ଘଟଣା ସଂପର୍କରେ ମଧ୍ୟ କୃପା ବଡବା ଅବତାରଣା କରୁଥିଲେ । ସେହି ଘଟଣାଟି ଏହିପରି – କାନ୍ତକବିଙ୍କ ଥିଏଟର ପାର୍ଟି ଏକଦା ପୁରୀ ଠାରେ ନାଟକ ପରିବେଷଣ କରୁଥିଲା । ପୁରୀ ଅବସ୍ଥାନ କାଳରେ କାନ୍ତକବି ଲକ୍ଷ୍ୟ କରିଥିଲେଯେ, ପୁରୀରେ ପହଞ୍ଚୁଥିବା ତୀର୍ଥ ଯାତ୍ରୀମାନେ ମଶା, ମୂଷା, ମହନ୍ତ ଓ ପଣ୍ଡା ପ୍ରଭୃତିଙ୍କ ଦ୍ୱାରା ଅକଥନୀୟ ଶୋଷଣର ଶୀକାର ହେଉଛନ୍ତି । ତେଣୁ ବ୍ୟଙ୍ଗୋକ୍ତି ଛଳରେ କାନ୍ତକବି 'ଅଜବ ସହ

ଆଶରା ବାଡ଼ି

ସୁଧାଂଶୁ ଶେଖର ଦ୍ୱିବେଦୀ

ଜେଜେ ! ଆଜି ତୁମେ ମର୍ଣ୍ଣିଙ୍ଗୱାକ ଯିବ ନାହିଁକି ? ଦୀପୁର ସ୍ୱାଭାବିକ ପ୍ରଶ୍ନରେ ଜେଜେଙ୍କ ଆଖି ଧୂଆଁଳିଆ ହେଇଗଲା ।

ଓଠରେ କୃତ୍ରିମ ହସ ଖେଳେଇ କୋମଳ ସ୍ୱର୍ଶରେ ଦୀପୁକୁ କୋଳେଇ ନେଇ କହିଲେ- ଆରେ ନାତି ଟୋକା ! ତୁ ତ ଅଛୁ ମୋ ଆଶରା ବାଡ଼ି । ତୋହରି ଆଶରା ନେଇ ମର୍ଣ୍ଣିଙ୍ଗୱାକ କରିବି ।

ଜେଜେ ! ଏ କଣ ତୁମ ବଙ୍କୁଲି ବାଡ଼ି ତ ଭାଙ୍ଗି ଯାଇଛି । ହଉ ମୁଁ ବାପାଙ୍କୁ କହି ତୁମପାଇଁ ଆଉଗୋଟେ ନୂଆ ବଙ୍କୁଲି ବାଡ଼ି ନେଇ ଆସିବି ।

ଥାଉରେ ଦୀପୁ ! ତୋ ବାପାକୁ କିଛି କହିବୁନି । ମୁଁ ଯେମିତି ହେଉ କାମ ଚଳେଇ ନେବି । କୋଉଠିକୁ ଆଉ ଯାଉଛି ଯେ ! ସକାଳେ ସକାଳେ ବାହାରେ ବୁଲିଆସିଲେ ଦେହଟା ଫୁର୍ତ୍ତି ଲାଗେ ବୋଲି ବାଡ଼ିର ସାହାରା ନିଏ ।

ଜେଜେ ମନା କରିବା ସତ୍ତ୍ୱେ ଦୀପୁ ତା' ବାପାଙ୍କୁ ସବୁ କଥା ଜଣାଇଲା । ଦୀପୁର ମମ୍ମି ମଧ୍ୟ ସେଇଠି ଥିଲେ । ସହସା କହିଉଠିଲେ- ଦେଖୁଛ ଦିନକୁ ଦିନ କେମିତି ଖର୍ଚ୍ଚ ବଢ଼ି ଚାଲିଛି । ଆଜି ଚଷମା ଭାଙ୍ଗିଲାଣି ତ କାଲି ବାଡ଼ି ଭାଙ୍ଗିଲାଣି । ତା' ପରଦିନ ଦେହ ଖରାପ ହେଲାଣି । ଦିନ ପରେ ଦିନ ଏମିତି କେତେ କେତେ ପ୍ରବ୍ଲେମ । ଟଙ୍କା ଯେମିତି ଗଛରେ ଫଳିଛି, ତୋଳି ଆଣି ତାଙ୍କ ପାଇଁ ମୁଠା ମୁଠା ଖର୍ଚ୍ଚ କରିବା ।

ମମ୍ମିର ରୁକ୍ଷ ସ୍ୱଭାବ ଦେଖି ଦୀପୁ ଭାବିଲା- ବଙ୍କୁଲି ବାଡ଼ି ବିନା ଜେଜେ ଆଉ କେବେ ବାହାରକୁ ଯାଇପାରିବେନାହିଁ । ଦିନେ ଟିଭିରେ ଦେଉଥିବା ଫେବିକ୍ୱିକ୍‌ର ବିଜ୍ଞାପନ ଦେଖି ଆଇସ୍‌କ୍ରିମ୍ ଖାଇବା ବାହାନାରେ ସେ ତା' ମମ୍ମି ଠାରୁ ୧୦ ଟଙ୍କା ମାଗିନେଲା । ହାତରେ ୧୦ ଟଙ୍କାର ନୋଟ୍ ଧରି ପହଞ୍ଚିଗଲା ଦୋକାନୀ ପାଖେ । ଅଙ୍କଲ ! ଆପଣଙ୍କ ପାଖରେ ଫେବିକ୍ୱିକ୍ ଅଛି ?

ଦୋକାନୀର ସମ୍ମତି ପାଇ ପୁଣିଥରେ ସେ ଜିଜ୍ଞାସା କଲା-ଆଚ୍ଛା ଅଙ୍କଲ ! ଫେବିକ୍ୱିକ୍‌ରେ କଣ ସବୁ ଜିନିଷ ଯୋଡିଯାଏ ?

ଦୋକାନୀ କହିଲା- ହଁରେ ପୁଅ ଏଇ ୫ ଟଙ୍କା ଜିନିଷରେ ବଡ଼ ଅଦ୍ଭୁତ କାମ ହେଇଯାଏ । ପ୍ଲାଷ୍ଟିକ୍ ଠାରୁ ଆରମ୍ଭ କରି ଘରକରଣାର ଅନ୍ୟ ଜିନିଷ ମଧ୍ୟ ଏଥିରେ ଯୋଡିଯାଏ । ଦୀପୁ ଦୋକାନୀର କଥା ଶୁଣି ଖୁସି ମନରେ ଫେବିକ୍ୱିକ୍ ଧରି ଘରକୁ ଫେରିଲା

ଘରେ ପହଞ୍ଚି ଆଗେ ତା' ଜେଜେଙ୍କର ଦୁଇଖଣ୍ଡ ହୋଇଯାଇଥିବା ବଙ୍କୁଲି ବାଡ଼ିକୁ ଫେବିକ୍ୱିକ୍‌ରେ ଯୋଡିବାରେ ଲାଗିପଡ଼ିଲା । ବାଡ଼ି ତ ଯୋଡ଼ିଲା ନାହିଁ ବରଂ ତା' ହାତ ଆଙ୍ଗୁଳିରେ ଫେବିକ୍ୱିକ୍ ଅଠା ଲାଗିବା ଦ୍ୱାରା ଯୋଡ଼ିଗଲା । ଯେତେ ବାହାର କରିବାକୁ ପ୍ରୟାସ କରୁଥାଏ ଆଦୌ ବାହାରୁ ନଥାଏ । ଶେଷରେ ଚିତ୍କାର କରି କାନ୍ଦିବାକୁ ଲାଗିଲା । ତା' କାନ୍ଦଣା ଶୁଣି ଜେଜେ ଆସି ଦେଖିଲେ ବଙ୍କୁଲି ବାଡ଼ି ଯୋଡିବା ବଦଳରେ ଦୀପୁ ହାତର ଆଙ୍ଗୁଳି ଫେବିକ୍ୱିକ୍‌ରେ ଯୋଡି ଯାଇଛି । ତୁରନ୍ତ ସେ ତାଙ୍କ ବୋହୂକୁ ଡାକ ମାରିଲେ-ବୋହୂ ! ଶୀଘ୍ର ଗୋଟେ ପାତ୍ରରେ ଗରମ ପାଣି ନେଇଆସ ।

ଦୀପୁର ମମ୍ମି ସଙ୍ଗେ ସଙ୍ଗେ ଗରମ ପାଣି ଧରି ପହଞ୍ଚିଲେ । ପୁଅର ଦୁର୍ଦ୍ଦଶା ଦେଖି ଚଢା ଗଳାରେ କହିଲେ- ଏସବୁ କରିବା ପାଇଁ ତୋର କ'ଣ ଦରକାର ଥିଲା ?

ଆରେ ତୋତେ ମୁଁ କହିଥିଲି ନା ଜେଜେ କେତେ ଦିନରୁ ବାହାରକୁ ଯାଇନାହାନ୍ତି । ସେ ବାହାରକୁ ନ ବାହାରି କେତେଦିନ ଚୁପ୍‌ଚାପ୍ ବିସି ରହିବେ ? ଜେଜେଙ୍କ ପାଇଁ ତୁମେ କାହିଁକି ଅଯଥା ଟଙ୍କା ଖର୍ଚ୍ଚ କରିବ । ମୁଁ ଏ ଭଙ୍ଗା ବଙ୍କୁଲି ବାଡ଼ିକୁ ଯୋଡ଼ିଦେବି କହୁ କହୁ ତା' ଆଖିରୁ ଲୁହ ଦୁଇ ଠୋପା ଝରି ପଡିଲା । ପୁଅର ବିକଳ ଅବସ୍ଥା ଦେଖି ମମତାରେ ବନ୍ଧା ମା' ଆଉ ଧୈର୍ଯ୍ୟ ଧରି ପାରିଲାନାହିଁ । ତାକୁ ଆଦରରେ କୋଳେଇନେଇ ଗରମ ପାଣିରେ ଆଙ୍ଗୁଳିକୁ କିଛି ସମୟ ବୁଡ଼େଇ ରଖିବା ପରେ ଆଙ୍ଗୁଳି ଖୋଲିଗଲା ।

ତା'ପରଦିନ ଦୀପୁର ମମ୍ମି ଗୋଟେ ନୂଆ ବଙ୍କୁଲି ବାଡ଼ି ଧରି ଶ୍ୱଶୁରଙ୍କ ହାତରେ ଧରେଇ କହିଲେ- ବାପା ! ଏଇ ନିଅ ତୁମ ଆଶରା ବାଡ଼ି । ଦୀପୁ ତା' ଜେଜେଙ୍କ ହାତରେ ନୂଆ ବଙ୍କୁଲି ବାଡ଼ି ଦେଖି ଆତ୍ମ ବିଭୋର ହୋଇ କହିଲା- ଏବେ ଜେଜେ ଆଗପରି ପ୍ରତିଦିନ ମର୍ଣ୍ଣିଙ୍ଗୱାକକୁ ଯିବେ ।

ବିସି-୭୪, ସଲଟ ଲେକ, କଲକାତା-୭୦୦୦୬୪
ମୋ-୯୬୧୩୭୩୫୧୨

ସବୁଜ ବଳୟ ସୃଷ୍ଟି କରିବା

ସୁରମା ମିଶ୍ର

ଖରା ହେଉଛି, ବର୍ଷା ବର୍ଷୁଛି
ବିଲୁଆ ନନା ବାହା ହେଉଛି
ଭାଲୁ ମଉସାଟା ବେଦୀରେ ବସି
ବିଭା କର୍ମ କରେ ହୋଇଣ ଖୁସି

ବାଜଇ ଦୋଲ, ମହୁରୀ ଶଙ୍ଖ
କମ୍ପି ଉଠୁଛି ବଣ ମୁଲକ
ହୁଳହୁଳି ଦିଏ ବେଙ୍ଗୁଲି ନାନୀ
ଫର ଫର ଉଡ଼େ ପଣତ କାନି

ଝରି ଆଡ଼ ସାଜ ସଜା ହୋଇଛି
ନାଚ ଗୀତେ ମନ ମଜ୍ଜି ଯାଉଛି
ରଙ୍ଗ ବେରଙ୍ଗର ପୁଚ୍ଛ ମେଲାଇ
ଢଳି ଢଳି ନାଚେ ମୟୂର ଭାଇ

ହନୁ ମାଙ୍କଡଟା ଗଛ ଉପରେ
ବସି ଅଛି ଯାଇ ମନ ଦୁଃଖରେ
କେହି ତାକୁ ଡାକୁ ନାହାନ୍ତି ବୋଲି
ଇଁ ଇଁ ହୋଇ ଖଙ୍କାରେ ଖାଲି

ହାତୀ ଭାଇ ତାର ଶୁଣ୍ଢ ହଲାଇ
ସ୍ୱାଗତ କରୁଛି ସଭିଙ୍କୁ ଯାଇ

ବାଘ ମାମୁଁ ଆଣି ମଉଳା ଭାର
ଆସିନାହିଁ ହୋଇଲାଣି ଉଛୁର

ବଗ ଓ ବଗୁଲି ମାଛର ଭାର
ଧରି ଧାଇଁଛନ୍ତି ହୋଇ ତତ୍ପର
ବିଲେଇ ନାନୀ ବେସର ବାଟି
ବସି ଚାହିଁଛି ଆଖି ତରାଟି

ସାଙ୍ଗ ମାନେ ସବୁ ଚାଲରେ ଯିବା
ବାହାଘର ଭୋଜି ଖାଇ ଆସିବା
ନିମନ୍ତା ଦେଇଛି ବିଲୁଆ ନନା
ନଗଲେ ସେ ମନ କରିବ ଉଣା

ଉପହାର ଆମେ କଅଣ ଦେବା
ଭାବୁଛି ମୁଁ ଚାରା ଗଛ ହିଁ ନେବା
ବଣ ମୁଲକରେ ଚାରା ପୋତିବା
ସବୁଜ ବଳୟ ସୃଷ୍ଟି କରିବା

ପ୍ରଚଣ୍ଡ ଖରାର ତାପ କମିବ
ଶୀତଳ ପବନ ବହି ଆସିବ
ପଶୁ ପକ୍ଷୀ ମାନେ ଖୁସି ହୋଇବେ
ଶାନ୍ତିରେ ସେ ବସବାସ କରିବେ ।

ବି ଏଲ ୩୯, ଭି ଏସ ଏସ ନଗର, ଭୁବନେଶ୍ୱର
ମୋ-୯୮୫୩୩୪୩୯୬୫

ନୁଆଇଁ ଦେବୁ ମଥା

ନୀଳମଣି ଋଦ

କାଳିଆ ଘୋଡ଼ା ଯିବୁନି ଯୋଡ଼ା
ଯା ସତ୍ୟଭାମାପୁର
ବୁଲିଲେ ଥରେ ମନରେ ଖୁସି
ହୋଇବ ଭରପୂର

ଜାଣିଛି ତୁହି ଦେଖି ସାରିଛୁ
ଗୋରାକବର ପରା
କହ କାହିଁକି ହୋଇଗଲାରେ
ଆଖିରେ ଲୁହ ଭରା

ଉତ୍କଳ ଟ୍ୟାନେରୀ ଖୋଜି ଖୋଜି
ଯାଇଥିବୁ ତୁ ଥକି
ତୋତେ ପିଲାଏ ଦେଖିବା ପାଇଁ
ରହିଥିବେରେ ଛକି

କହିବ କିଏ ଦେଖରେ ଦେଖ
ବାରିଷ୍ଟରଙ୍କ ଘୋଡ଼ା
ଧରେଇ ଦେବେ ମଧୁଙ୍କ ପାଇଁ
ସୁନ୍ଦର ଫୁଲତୋଡ଼ା

ଏଇ ଏପ୍ରିଲ ଅଠେଇଶରେ
ପଡୁଛି ଜନ୍ମତିଥି
ସେ କୁଳବୃଦ୍ଧ ଯା ମନେ ଥିଲା
ଭରି ଓଡ଼ିଆ ପ୍ରୀତି

ନାହାନ୍ତି ସିଏ ସତଟି ଇଏ
ଭାବୁଛୁ ତାଙ୍କ କଥା
ଭକତି ଭରେ ଏ ଅବସରେ
ନୁଆଇଁ ଦେବୁ ମଥା ।

ଭୁବନେଶ୍ୱର
ମୋ- ୯୫୮୩୨୦୨୩୫୭

ଉତ୍କଳ ଗୌରବ ମଧୁସୂଦନ

ନଳିନୀ ଦାଶ

ଉତ୍କଳ ମାତାର ଯୋଗ୍ୟତମ ସୁତ
ରାଇଜେ ରଖିଲ ଶିରୀ
ତୁମ କାର୍ଯ୍ୟଧାରା ପ୍ରତିଟି ପ୍ରାଣରେ
ପୁଲକ ଦେଇଛି ଭରି
ଜନମ ଲଭିଲ ପିତା ରଘୁନାଥ
ମାତା ପାର୍ବତୀ କୋଳରେ
କଟକ ଜିଲ୍ଲାର ସତ୍ୟଭାମାପୁରେ
ଶୁଭ ଅମୃତ ବେଳାରେ
ଟଙ୍କା ପଇସାରେ ଲୋଭ ନରଖିଲ
ମାଗଣାରେ କାମ କରି
ଶ୍ରମିକ ମାନଙ୍କୁ ସାହାଯ୍ୟ କରିଲ
ଓକିଲାତି ବୃତ୍ତି ଧରି
ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁକି
କଲ ଭାଷା ଆନ୍ଦୋଳନ
ଓଡ଼ିଆ ଭାଷାର ସମୃଦ୍ଧି ହୋଇଲା
ବଢିଲା ରାଇଜେ ମାନ
ଗରିବଙ୍କ ଦୁଃଖ ସହି ପାରନାହିଁ
ପରାଣ କାନ୍ଦି ଉଠଇ
ସେମାନଙ୍କ ପାଖେ ପହଞ୍ଚି ତୁମର
ହାତକୁ ଦିଅ ବଢାଇ
ଅଲଗା ରହିଲ ଗ୍ରହଣ କରିଲ
ତୁମେ ଧର୍ମ ଖ୍ରୀଷ୍ଟିଆନ
ଗୋବିନ୍ଦ ବଲ୍ଲବ ନାମ ବଦଳାଇ
ରଖିଲ ମଧୁସୂଦନ
ବିଶ୍ୱ ଦରବାରେ ପରିଚିତ ହେଲ
ତାରକସି ଶିଳ୍ପ କରି
ମନ୍ତ୍ରୀପଦ ନିଜେ ଛାଡ଼ି ଆସିଥିଲ
ଜନ ସେବାକୁ ଆଦରି
ସନ୍ତାନର ଉକ୍ତି ଦେଶାତ୍ମବୋଧକ
ଲେଖି ରଖିଲ ସମ୍ମାନ
ଜାତି ଜାତୀୟତା ଶିରରେ ବହିଲ
ଶିଖାଇ ଜାତିବନ୍ଦନ ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ-୯୨୩୮୯୯୬୬୪୯

ଆସିଲା ଖରା ତାତିଲା ଧରା

ରାମଚନ୍ଦ୍ର ବେହେରା

ଆସିଲା ଖରା ତାତିଲା ଧରା
ଶୁଖିଲା ନଈ ନାଳ
ଗଛର ଛାଇ ମିଳୁନି କାହିଁ
ଶୁଖୁନି ଦେହୁ ଝାଳ
ବଣକୁ କାଟି ଗଢେ ମଣିଷ
କଳ ଓ କାରଖାନା
ପରିବେଶକୁ ଦୂଷିତ କରେ
ଜାଣି ହୁଏ ଅଜଣା
ଗଛ ଦିଅଇ ଶୀତଳ ଛାଇ
ମେଘକୁ ଡାକେ ହସି
ତାଡାକ ଶୁଣି ମେଘ ଦିଅଇ
ମୂଷଳ ଧାରା କଷି
ଯାହା ହୋଇଛି ଭୁଲି ପରାଣୁ
ଆସ ପୋତିବା ଗଛ
ତାମୂଳେ ଦେବା ନିଇତି ପାଣି
ଆଉ ଗୋବର ଖତ
ଗ୍ରୀଷ୍ମ କାଳେ ପଖାଳ ଭାତ
ଶରୀର ପାଇଁ ହିତ
ଦହି ତୋରାଣୀ ପିଇଲେ ଭରି
ନହୁଏ ଅଂଶୁଘାତ
ଆଖୁର ରସ ପାଚିଲା ବେଲ
ଶୀତଳ ରଖେ ଦେହ
ମାଠିଆ ପାଣି ଯିଏ ପିଅଇ
ନରୁହେ କାଶ ଭୟ
ଖରା ଦିନରେ ତରଭୁଜକୁ
ନିଇତି ଯିଏ ଖାଏ
ଜଳୀୟ ଅଂଶ ବଢଇ ତାର
ଶରୀର ଥଣ୍ଡା ରୁହେ
ଖରା ନକରେ ଅହିତ କେବେ
ସେ ପରା ଚାଷୀ ମିତ
ଗ୍ରୀଷ୍ମ ପରେ ବରଷା ଆସେ
କରେ ଜଗତ ହିତ ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୫୩୪୬

ଗ୍ରୀଷ୍ମ କାଳ ଭାରି ବିପଦ

ଡ. ଦୀପକ କୁମାର ମିଶ୍ର

ଉହଡ଼ହ ଖରା ଫାଟିଯାଏ ମୁଣ୍ଡ
ଉଡ଼ିଯାଏ ଆମ ହଂସା
ଗ୍ରୀଷ୍ମ କାଳରେ ଜୀବନ ବିପଦ
ବିପତ୍ତିକୁ ନାହିଁ ଭାଷା

ଘୋଳଦହି ପାଣି ସାଙ୍ଗରେ ତୋରାଣି
ପିଉଥିବା ମନ ଭରି
ଅଂଶୁଘାତ ହେଲେ ସ୍ୱାସ୍ଥ୍ୟ ସହାୟତା
ନେବା ନକରିଣ ଡେରି

ପଚାଶ ଡିଗ୍ରୀ ପାରଦ ଛୁଉଁଛି
ନିଆଁ ହୁଳା ଆକାଶରେ
ଛତାଟିଏ ଧରି ବିଦ୍ୟାଳୟ ଯିବା
ଖେଳିବାନି ଦ୍ୱିପହରେ

ଅପରାହ୍ନ ହେଲେ କାଳବୈଶାଖୀଟେ
ମାଡ଼ିଆସେ ପ୍ରତିଦିନ
ତା ସାଙ୍ଗେ ବିଜୁଳି ପୁଣି ଘଡ଼ଘଡ଼ି
ଭୟାତୁର ହୁଏ ମନ

ପ୍ରଗତି ନାମରେ କରିଦେଲେ ପଦା
ସବୁଜିମା ବୃକ୍ଷରାଜି
ଖରାର ତାତିରେ ସନ୍ତୁଳି ହେଉଛି
ମଣିଷ ସମାଜ ଆଜି

ପ୍ରକୃତି ସୁରକ୍ଷା ସଭିଙ୍କ ଦାୟିତ୍ୱ
ଭୁଲିବାନି କେବେ ଆମେ
ନହେଲେ ଜୀବନ ଅକାଳେ ଝରିବ
ରହିବାନି ଜମା ଭ୍ରମେ ।

ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦

ଉପକାରୀ ତରଭୁଜ

ସୁଧାକର ରାଉତ

ଗ୍ରୀଷ୍ମ ପ୍ରବାହ ହେବା ଯୋଗୁ ପରା
ଝାଞ୍ଝି ବହେ ହୁଏ ପ୍ରଚଣ୍ଡ ଖରା
ଦେହରୁ ଜଳ ଅଂଶ ଯାଏ କମି
ଅନ୍ଧାର ଦିଶିଯାଏ ମଥା ଭ୍ରମି
ବିଶ୍ରାମ ଖୋଜେ ସଙ୍ଗେ ସଙ୍ଗେ ମନ
ରହେ ନାହିଁ କାମ ଦାମରେ ଧ୍ୟାନ
ପିଇବ ଯଦି ତୁମେ ବେଶୀ ପାଣି
ଥକା ପଣଟା ଦୂର ହେବ ପୁଣି
ଘୋଳଦହି କିମ୍ବା ତୋରାଣି ପିଅ
ସୁଆଦିଆ ତରଭୁଜ ବି ଖାଅ
ଗ୍ରୀଷ୍ମ ତାପରେ ସେ ଔଷଧ ଭଳି
କରିବଟି କାମ ଯନ୍ତ୍ରଣା ଟାଳି
ବୟାନବେ ଭାଗ ଜଳୀୟ ଅଂଶ
ଥାଇ ତରଭୁଜେ ମାରଇ ଶୋଷ
ଠିକ୍ ରଖେ ସେ ରକ୍ତଚାପ ସ୍ତର
ରକ୍ତ ପ୍ରବାହ ବି ରଖଇ ସ୍ଥିର
ତାପର ପ୍ରଭାବକୁ ଚର୍ମ ପରେ
ଅତି ସହଜରେ ସେ ଦୂର କରେ
ହଜମ ପ୍ରକ୍ରିୟା ସରଳ କରେ
କୋଷ୍ଠ କାଠିନ୍ୟତା ତା ପାଶେ ହାରେ
ରୋଗ ପ୍ରତିରୋଧ ଶକତି ବଢେ
ଖରାରୁ ବର୍ତ୍ତିବା ଉପାୟ କାଢେ
ସାମାନ୍ୟ ଫଳ ତ ନୁହଁଇ ସିଏ
ତାର ଉପକାର କରିବ କିଏ ।

ପ୍ରତାପ ନଗରୀ, କଟକ
ମୋ- ୮୨୪୯୯୩୨୭୯୨



ମୁଁ ଅଟେ ଶ୍ରମିକଟିଏ

ପ୍ରଦୀପ୍ତ କୁମାର ଦାସ



ଶ୍ରମ କରି କରି ବିତେ ମୋ ଜୀବନ
ମୁଁ ଅଟେ ଶ୍ରମିକଟିଏ -
ବେଳେ ବେଳେ ଭୋକ ମାରିବା ସକାଶେ
ପାଣି ପେଟେ ପିଇ ଦିଏ,

ପରିବାର ସହ ରହେ ଭଙ୍ଗାଘରେ
ଖରା ବର୍ଷା ଶୀତ ସହି -
ପ୍ରଧାନ ମନ୍ତ୍ରିରୀ ଆବାସଟେ ମତେ
ମିଳେ ନାହିଁ କହି କହି,

ଯେତେ ଦୁଃଖ ଆସେ ସହିଯାଏ ସବୁ
ଛାତିକୁ ପଥର କରି -
ମଜୁରୀ ଗଣ୍ଡାକ ପାଇବା ଆଶାରେ
ଖଟଇ ମୁଁ ଗଧ ପରି,

ପିଲାମାନଙ୍କର ଅଳି ଅରଦଳି
ପାଦରେ ଦିଏ ମୁଁ ଦଳି-
ଅନ୍ୟ ପାଇଁ ସାଜେ ଖୁସିର ଆଲୋକ
ସଳିତା ପରିକା ଜଳି,

ଢୋକେ ପିଇ ଦଣ୍ଡେ ଜୀଇଁବା ଛଡ଼ା ମୋ
ପାଶେ ଆନ କିଛି ନାହିଁ -
ଫେରିବା ବାଟକୁ ସ୍ତିରୀ ପିଲାଛୁଆ
ରହିଥାନ୍ତି ସଦା ଚାହିଁ,

ଶ୍ରମ କରିବାକୁ ସାହସ ଶକତି
ମୋ ଭିତରେ ଥାଅ ଭରି -
ଆହେ ଦୟାମୟ ଏତିକି କରୁଣା
କର ବାରେ ଦୟା କରି ।

କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର
ମୋ- ୮୫୯୪୮୮୫୮୯୮

ଶ୍ରମିକ ଭାଇ

କୀର୍ତ୍ତନ ସାହୁ

ଶ୍ରମିକ ଭାଇରେ ଶ୍ରମିକ ଭାଇ
କାମେ ଲାଗି ଥାଏ କାତର ନାହିଁ

ଯୋଉ କାମ ହେଉ ନ ଥାଏ ଡର
ସଭିଏଁ ତା ନିଜ କେ ନୁହେଁ ପର

ଦେଶର ଉନ୍ନତି ତା ପାଇଁ ହୁଏ
ନିଖୁଣ କାମ ତା ମନକୁ ଛୁଏଁ

ଶ୍ରମିକ ଦିବସ ମେ ଏକ ପରା
ବଢି ଅଛି ଏବେ ପ୍ରବଳ ଖରା

ସଚେତନ ହେବା ଆମେରେ ଭାଇ
ଖରା ଦେଖି କାମ ଦେବାରେ ନାହିଁ

ଶ୍ରମିକ ଦିବସେ ହୁଏରେ ଛୁଟି
କାମ ନାହିଁ ମଜା କରନ୍ତି ଯୁଟି

ଶ୍ରମିକକୁ ଅଧିକାର ତା ଦେବା
ସମ୍ମାନ ଦେଇ ତା ଦାୟିତ୍ୱ ନେବା

ଶ୍ରମିକ ହସିଲେ ହସିବ ଦେଶ
ଦେବା ନାହିଁ ତାକୁ କେବେରେ କ୍ଲେଶ ।

ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର
ଦୂର ଭାଷ- ୯୪୩୮୪୧୪୭୦୧

ଖରାଦିନ ଛୁଟି ହେଲା

ନିରଞ୍ଜନ ସାହୁ



ଖରାଦିନ ଛୁଟି ହେଲା ସାଙ୍ଗମାନେ
ମାମୁଁଘର ଆସ ଯିବା
ଅଜା ଆଈ ସାଥେ ମଜା ଗପକରି
ସମୟ କଟାଇ ଦେବା
ଖରାଦିନ ଛୁଟି ହେଲା ସାଙ୍ଗମାନେ
ସମୟ ମିଳିବ ଯେତେ
ଖାଇବା, ଖେଳିବା, ବୁଲିବା, ନାଚିବା
ମନଇଚ୍ଛା ଯିଏ ଯେତେ
ଖରାଦିନ ଛୁଟି ହେଲା ସାଙ୍ଗମାନେ
ପଢୁଥିବା ଗପ ବହି
ସାଙ୍ଗସାଥି ମେଳେ ଗପସପ ହେବା
ମିଠାମିଠା କଥା କହି
ଖରାଦିନ ଛୁଟି ହେଲା ସାଙ୍ଗମାନେ
ଖରାବେଳେ ଥିବା ଘର
ବାହାରେ କଦାପି ଭୁଲିବା ନାହିଁଟି
ଥିବ ଅଂଶୁଘାତ ଡର
ଖରାଦିନ ଛୁଟି ହେଲା ସାଙ୍ଗମାନେ
ପୋଖରୀରେ ପହଁରିବା
ଆମ୍ବତୋଟା ବୁଲି ଖୋପଡ଼ ମାରିକି
ଆମ୍ବ ଆମେ ଝଡ଼ାଇବା
ଖରାଦିନ ଛୁଟି ହେଲା ସାଙ୍ଗମାନେ
ପାଠକୁ ଭୁଲି ନ ଯିବା
ପଢାବହି ସାଥେ ଭାବ ବାନ୍ଧିଥିବା
ପାଠରେ ମନକୁ ଦେବା
ଖରାଦିନ ଛୁଟି ହେଲା ସାଙ୍ଗମାନେ
ମନ କରୁଥିବା ଖୁସି
ଘରେ କେତେବେଳେ ଅଝଟ କରିକି
କଦାପି ଯିବାନି ରୁଷି
ଖରାଦିନ ଛୁଟି ହେଲା ସାଙ୍ଗମାନେ
ରଜ ପର୍ବ ହେବାଯାଏ
ରଜ ପରେ ବିଦ୍ୟାଳୟ ଖୋଲିଯିବ
ଏକଥା ମନରେ ଥାଏ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ-୯୯୩୮୭୪୧୫୮୩

ତୁମ ତୁଳୀରୁ ...



ମିନାକ୍ଷୀ ସିଂ, ଅଷ୍ଟମ ଶ୍ରେଣୀ
ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ବିସିପୁର, ମୟୁରଭଞ୍ଜ

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୫ ଅପ୍ରେଲ, ଗୁରୁବାର, ୨୦୨୪
ପୃଷ୍ଠା – ୬

କ୍ୟାମେରା ମ୍ୟାନ୍‌ଙ୍କ ଉପରକୁ ବୋତଲ୍ ଉଠାଇଲେ କ୍ୟାପଟେନ୍ କୁଲ୍

ନୂଆଦିଲ୍ଲୀ

ରାଗିଲେ କ୍ୟାପଟେନ୍ କୁଲ୍। ଲାଇଭ୍ ମ୍ୟାଚ୍ ବେଳେ ଏଙ୍ଗ୍ରି ମୁଡ୍‌ରେ ନଜର ଆସିଲେ ମାହି। ରାଗରେ କ୍ୟାମେରା ମ୍ୟାନ୍‌ଙ୍କ ଉପରକୁ ବୋତଲ ଫିଙ୍ଗିଲା ଭଳି କଲେ ଇସାରା। ଏଭଳି କିଛି ଭିଡିଓ ଏବେ ସାମ୍ନାକୁ ଆସିଛି, ଯାହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମଙ୍ଗଳବାର ଚଳିତ ଆଇପିଏଲ୍‌ର ୩୯ତମ ମ୍ୟାଚ୍ ଥିଲା। ଲକ୍ଷ୍ନୌ ଓ ଚେନ୍ନାଇ ମୁହାଁମୁହିଁ ହୋଇଥିଲେ। ଚିଦାମ୍ବରମ୍ ଷ୍ଟାଡିୟମରେ ଏହି ବହୁ ପ୍ରତିକ୍ଷିତ ମ୍ୟାଚ୍ ଖେଳା ଯାଇଥିଲା। ତେବେ ଏହି ଲାଇଭ୍ ମ୍ୟାଚ୍ ବେଳେ ସିଏସ୍‌କେର ପୂର୍ବତନ କ୍ୟାପଟେନ୍ ତଥା ମହେନ୍ଦ୍ର ସିଂହ ରାଗିଯାଇଥିଲେ। ରାଗରେ କ୍ୟାମେରା ମ୍ୟାନ୍‌ଙ୍କ ଉପରକୁ ବୋତଲ ଫିଙ୍ଗିବାକୁ ଉଠାଇଥିଲେ।

ପ୍ରକୃତରେ ସିଏସ୍‌କେର ବ୍ୟାଟିଂ ଚାଲିଥିଲା ୧୭ ଓଭର୍‌ରେ ଶିବମ ଦୁବେ ଓ ଋତୁରାଜ ଗାଏକ୍ୱାଡ୍ ବ୍ୟାଟିଂ କରୁଥିଲେ। ଏହି ସମୟରେ ଧୋନୀ ଡ୍ରେସିଂ ରୁମ୍‌ରେ ବସିଥିଲେ। ସେ ପିଚ୍‌କୁ ଆସିବା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ। ହେଲେ କ୍ୟାମେରା ମ୍ୟାନ୍ ବାରମ୍ବାର ତାଙ୍କ ଉପରକୁ ହିଁ କ୍ୟାମେରା ଫୋକସ୍ କରୁଥିଲେ। ଟିଭି ସ୍କ୍ରିନ୍‌ରେ ଧୋନୀଙ୍କୁ ବାରମ୍ବାର ଦେଖାଉଥିଲେ କ୍ୟାମେରା ମ୍ୟାନ୍। ଏହାକୁ ନେଇ ରାଗି ଯାଇଥିଲେ ମାହି। ହାତରେ ଧରିଥିବା ପାଣି ବୋତଲ ଫିଙ୍ଗିବା ପାଇଁ କ୍ୟାମେରାମ୍ୟାନ୍‌ଙ୍କ ଉପରକୁ ଉଠାଇଥିଲେ। ଏହି ପୂରା ଘଟଣାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଲକ୍ଷ୍ନୌ ଠାରୁ ହାରିଯାଇଥିଲା ଚେନ୍ନାଇ ସୁପର କିଙ୍ଗସ୍। ଏହି ମୁକାବିଲା ମାର୍କ ଷ୍ଟୋଇନ୍ ନଟ୍ ଆଉଟ୍ ରହି ୧୨୪ ରନ୍ କରିଥିଲେ। ଫଳରେ ସେ ଚେନ୍ନାଇ ହାତରୁ ବିଜୟ ଛଡ଼ାଇ ଆଣିଥିଲେ। ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ଲକ୍ଷ୍ନୌକୁ ୨୧୦ ରନ୍‌ର ଟାର୍ଗେଟ୍ ଦେଇଥିଲା।

ବିଶ୍ୱକପ ଦଳ ଚୟନକୁ ନେଇ ଉତ୍କଣ୍ଠା : ତୃତୀୟ ସ୍ପିନର୍ ନେଇ ମାନସ ମନ୍ଥନ

ମୁମ୍ବାଇ

ଜୁନ୍ ମାସରେ ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଖେଳାଯିବାକୁ ଥିବା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଲାଗି ୧୫ ଜଣିଆ ଦଳ ଘୋଷଣାର ଶେଷ ତାରିଖ ଯେତିକି ପାଖେଇ ଆସୁଛି ଭାରତୀୟ ପ୍ରଶଂସକଙ୍କ ଉତ୍ସୁକତା ସେତିକି ବଢ଼ି ଚାଲିଛି। ଟିମ୍ ଇଣ୍ଡିଆରେ କେଉଁ ଖେଳାଳି ରହିବେ; କିଏ ବାଦ୍ ପଡ଼ିବେ, କାହାକୁ ସୁଯୋଗ ମିଳିବ ତଥା କିଏ ନିରାଶ ହେବ, ସେ ଚର୍ଚ୍ଚା ଏବେ ଚାରିଆଡ଼େ ଚାଲିଛି। କ୍ରିକେଟ ବିଶେଷଜ୍ଞମାନେ ଦଳ ଗଠନ ନେଇ ଅଙ୍କ କଷୁଥିଲା ବେଳେ ବିସିସିଆଇର ଜଣେ ବରିଷ୍ଠ କମକର୍ତ୍ତାଙ୍କ କଥା କିଛି ଖେଳାଳି ଓ ସେମାନଙ୍କ ପ୍ରଶଂସକଙ୍କୁ ଚିନ୍ତାରେ ପକାଇଛି। ସଂପୃକ୍ତ ଅଧିକାରୀଙ୍କ ଅନୁସାରେ ଚଳିତ ଆଇପିଏଲ୍‌ରେ ଚମତ୍କାର ପ୍ରଦର୍ଶନ କରୁଥିବା ଦୁଇ ଚର୍ଚ୍ଚିତ ତାରକା ରୋହିତ ଶର୍ମା ଓ ବିରାଟ କୋହଲି ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଓପନିଂ କରିବେ। ତେବେ ସଂରକ୍ଷିତ ଓପନର ଲାଗି ଶୁବମନ ଗିଲ୍ ଓ ଯଶସ୍ୱୀ ଜୟସ୍ୱାଲଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସେହିଭଳି ଋଷଭ ପନ୍ତ ପ୍ରଥମ ୱିକେଟରକ୍ଷକ ଭାବେ ଦଳରେ ସ୍ଥାନ ପାଇବା ଏକ ପ୍ରକାର ନିଶ୍ଚିତ ଥିଲା ବେଳେ ଦ୍ୱିତୀୟ ୱିକେଟରକ୍ଷକ ଦୌଡ଼ରେ କେଏଲ ରାହୁଲ ଓ ସଞ୍ଜୁ ସାମସନ ସାମିଲ ହେବେ।

ମଧ୍ୟକ୍ରମ ସହ ଫିନିସର ଦାୟିତ୍ୱ ଲାଗି ସୂର୍ଯ୍ୟକୁମାର ଚୂଡ଼ାନ୍ତ ଦଳରେ ରହିବେ। ଷଷ୍ଠ ଓ ସପ୍ତମ ସ୍ଥାନ ଲାଗି ରିଙ୍କୁ ସିଂହ ଓ ଶିବମ୍ ଦୁବେଙ୍କ ମଧ୍ୟରେ ଲଢ଼େଇ ହେବ। ସେହିଭଳି ରବୀନ୍ଦ୍ର ଜାଡ଼େଜା ଓ କୁଲଦୀପ ଯାଦବଙ୍କ ସ୍ଥାନ ପକ୍କା ଥିବାରୁ ତୃତୀୟ ସ୍ପିନର୍ ଲାଗି ଯୁଝବେନ୍ଦ୍ର ଚହଲ, ଅକ୍ଷର ପଟେଲ ଓ ରବି ବିଷ୍ଣୋଇଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଯୋଗିତା ହେବ। ଦ୍ରୁତ ବୋଲିଂରେ ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ସିରାଜ୍ ୧୫ଜଣିଆ ଦଳରେ ରହିବେ। ତୃତୀୟ ଦ୍ରୁତ ବୋଲର୍ ଲାଗି ଅର୍ଶଦୀପ ସିଂହ ଓ ଆସେ ଖାନ୍‌ଙ୍କୁ ଚୟନକର୍ତ୍ତା ବିଚାରକୁ ନେବେ। କିଛି ଯୁବ ଦ୍ରୁତ ବୋଲର ଚଳିତ ଆଇପିଏଲ୍‌ରେ ଭଲ କରୁଥିଲେ ମଧ୍ୟ ଚୟନକର୍ତ୍ତା ଅଭିଜ୍ଞ ଓ ପୁରୁଖା ବୋଲରଙ୍କ ଉପରେ ଆସ୍ଥା ପ୍ରକଟ କରିବାର ସମ୍ଭାବନା ଅଧିକ ଶେଷ ମୁହୂର୍ତ୍ତରେ କିଛି ବଡ଼ ଧରଣର ଅଦଳବଦଳ ହେବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇ ନପାରେ। ଅନ୍ୟ ଏକ ରିପୋର୍ଟ ଅନୁସାରେ ଦଳ ଗଠନ ନେଇ ଶନିବାର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ସମ୍ଭାବ୍ୟ ଅଧିନାୟକ ରୋହିତ ଶର୍ମାଙ୍କୁ ନୂଆଦିଲ୍ଲୀରେ ଭେଟିବେ। ସେଠାରେ ଖେଳାଯିବାକୁ ଥିବା ଦିଲ୍ଲୀ କ୍ୟାପିଟାଲ୍ସ-ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚ୍ ପରେ ଉଭୟ ବିଶ୍ୱକପ ଦଳ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବେ। ରୋହିତଙ୍କ ମତ ପାଇବା ପରେ ଅଗରକର ଅନ୍ୟ ଚୟନକର୍ତ୍ତାଙ୍କ ସହ ଆଲୋଚନା କରି ମାସ ଶେଷ ଆଡ଼କୁ ଦଳ ଘୋଷଣା କରିବେ। ସୂଚନାଯୋଗ୍ୟ, ଆଇସିସି ପକ୍ଷରୁ ବିଶ୍ୱକପ୍ ଦଳ ଘୋଷଣାର ଶେଷ ତାରିଖ ମେ୍ ପହିଲା ଧାର୍ଯ୍ୟ କରାଯାଇଛି।

ନଜରରେ ଥିବା ଖେଳାଳି : ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ରିଙ୍କୁ ସିଂହ, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଋଷଭ ପନ୍ତ (ୱିକେଟ୍ ରକ୍ଷକ), ସଞ୍ଜୁ ସାମସନ୍, କେଏଲ ରାହୁଲ (ଦ୍ୱିତୀୟ ୱିକେଟ ରକ୍ଷକ), ରବୀନ୍ଦ୍ର ଜଡ଼େଜା, ଯୁଝବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ, ଅର୍ଶଦୀପ ସିଂହ, ଆସେ ଖାନ୍।

୫୧ ବର୍ଷରେ ପାଦ ଦେଲେ କ୍ରିକେଟ୍ କିମ୍ବଦନ୍ତୀ

ନୂଆଦିଲ୍ଲୀ

୫୧ ବର୍ଷରେ ପାଦ ଦେଇଛନ୍ତି ଭାରତର ବ୍ୟାଟିଂ କିମ୍ବଦନ୍ତୀ ତଥା କ୍ରିକେଟର ଭଗବାନ ସଚିନ ତେନ୍ଦୁଲକର। ଆଜି ଏପ୍ରିଲ ୨୪ ବୁଧବାର ତାଙ୍କ ଜନ୍ମଦିନ ଥିଲା। ଏଥିପାଇଁ ସଚିନଙ୍କୁ ଦେଶ ବିଦେଶରୁ ଶୁଭେଚ୍ଛାର ସୁଅ ଛୁଟୁଥିଲା। ସୋସିଆଲ ମିଡିଆରେ ବହୁ ପ୍ରଶଂସକ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ୧୬ ବର୍ଷ ବୟସରେ ସଚିନ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିବା ବେଳେ ୧୯୮୯ରେ ସେ ପାକିସ୍ତାନ ବିପକ୍ଷରେ ପ୍ରଥମ ଦିନିକିଆରୁ କ୍ୟାରିୟର ଆରମ୍ଭ କରିଥିଲେ। କ୍ରିକେଟ୍ କ୍ୟାରିୟର ମଧ୍ୟରେ ସେ ଅନେକ ପାହାଚ ଚଢ଼ିବା ସହିତ ବହୁ ବିଶ୍ୱ ରେକର୍ଡ ସୃଷ୍ଟି କରି ଦେଶର ନାମକୁ ସ୍ୱତନ୍ତ୍ର ସ୍ଥାନରେ ପହଞ୍ଚାଇବାରେ ସଫଳ ହୋଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ଶତକରେ ଶତକ କରିବାରେ ସେ ହେଉଛନ୍ତି ପ୍ରଥମ କ୍ରିକେଟର। ତାଙ୍କ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା।

ଇଣ୍ଡିଆନ ୟୁନିଭର୍ସିଟିଜ୍ ରଗ୍‌ବୀ : ଚେସ୍ ଦଳ ଘୋଷିତ

ଭୁବନେଶ୍ୱର

ଫ୍ରାନ୍ସର ଏକ୍ସେନ-ପ୍ରୋଭିନ୍ସରେ ୨୦୨୪ ୱାଲର୍ଡ ୟୁନିସର୍ଭିଟି ରଗ୍‌ବୀ ସେଭେନ୍ସ ଚମ୍ପିୟନଶିପ୍ ଜୁନ୍ ୧୦ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିପରି ଉଗାଣ୍ଡାର ଏଣ୍ଟେବେଠାରେ ୱାଲର୍ଡ ୟୁନିଭର୍ସିଟି ଚେସ୍ ଚମ୍ପିୟନସିପ୍ ଜୁନ୍ ୨୫ରୁ ୩୦ ପର୍ଯ୍ୟନ୍ତ ଆୟୋଜନ ହେବ। ଏହି ଦୁଇଟି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଇଣ୍ଡିଆନ ୟୁନିଭର୍ସିଟିଜ୍ ରଗ୍‌ବୀ ଓ ଚେସ୍ ଦଳ ଘୋଷଣା କରାଯାଇଛି। କିଟ୍ ଓ କିସ୍‌ରୁ ୭ ସମେତ ଓଡ଼ିଶାର ୮ ଖେଳାଳି ସାମିଲ ହୋଇଛନ୍ତି। ଆସୋସିଏସନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ପକ୍ଷରୁ ଉଭୟ ରଗ୍‌ବୀ ୭ଏସ୍ ଓ ଚେସ୍ ଚୟନ ଟ୍ରାଏଲ୍ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା।

ଚେସ୍ ଚୟନ କମିଟିରେ ଅନ୍ତର୍ଜାତୀୟ ମାଷ୍ଟର ତଥା ସିନିୟର ଫିଡେ ଆରବିଟର ଶେଖର ଚନ୍ଦ୍ର ସାହୁ, ଅନ୍ତର୍ଜାତୀୟ ରେଟେଡ୍ ଚେସ୍ ଖେଳାଳି ତଥା ଫିଡେ ଇନ୍‌ଷ୍ଟ୍ରକ୍ଟର ରଞ୍ଜନ ମହାନ୍ତି, କ୍ୟାଣ୍ଡିଡେଟ୍ ମାଷ୍ଟର ତଥା ଫିଡେ ଇନ୍‌ଷ୍ଟ୍ରକ୍ଟର ଅପରାଜିତ ଗୋଚ୍ଛିକାର (୨୦୧୬ ୱାର୍ଲ୍ଡ ଆମେଚର ଓ ୨୦୧୩ ରାଜ୍ୟଗୋଷ୍ଠୀ ଚେସ୍ ଚମ୍ପିୟନସିପ୍‌ରେ ପଦକ ବିଜୟିନୀ) ପ୍ରମୁଖ ସଦସ୍ୟ ରହିଥିଲେ। ସେହିପରି ୱାର୍ଲ୍ଡ ରଗ୍‌ବୀ ଲେଭଲ-୨ କ୍ୱାଲିଫାଏଡ୍ କୋଚ୍ ଏବଂ ୱାର୍ଲ୍ଡ ରଗ୍‌ବୀ କ୍ୱାଲିଫାଏଡ୍ କୋଚ୍ ଏଜୁକେଟର ଶେହଜାଦ ରାବାଡ଼ି, ୨୦୧୦ ଏସିଆନ ଗେମ୍ସରେ ଅଂଶଗ୍ରହଣକାରୀ ଭାଗ୍ୟଲକ୍ଷ୍ମୀ ବାରିକ ରଗ୍‌ବୀ ଚୟନ କମିଟି ସଦସ୍ୟ ରହିଥିଲେ। ଉଭୟ କ୍ରୀଡ଼ା ପାଇଁ ଚୟନ କମିଟିର ଚେୟାରମ୍ୟାନ ଥିଲେ କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ଓ ଯୋଗ ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଇଣ୍ଡିଆନ ୟୁନିଭର୍ସିଟି ରଗ୍‌ବୀ ଟିମ୍। ପ୍ରଥମଥର ପାଇଁ ୱାର୍ଲ୍ଡ ରଗ୍‌ବୀ ୭ଏସ ଚମ୍ପିୟନସିପ୍‌ରେ ଭାଗ ନେବାକୁ ଯାଉଛି। ଅନ୍ୟପକ୍ଷରେ ଇଣ୍ଡିଆନ ୟୁନିଭର୍ସିଟିଜ୍ ଚେସ୍ ଟିମ୍‌ର ଏହା ଦ୍ୱିତୀୟ ଅଂଶଗ୍ରହଣ। ପୂର୍ବରୁ ୨୦୧୮ ରେ ବ୍ରାଜିଲର ଆରାକାଜୁ ଠାରେ ଭାରତୀୟ ଦଳ ଡେବ୍ୟୁ କରିଥିଲା। ଏଥର ଚେସ୍ ଦଳରେ ଜଣେ ଆଦିବାସୀ ବାଳିକା କିସ୍ ବିଶ୍ୱବିଦ୍ୟାଳୟର ଜୁନି ବିରୁଆ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱ କରୁଥିବା ସାଇନା ସାଲୋନିକା ସ୍ଥାନ ପାଇଛନ୍ତି। ଏଆଇୟୁର କ୍ରୀଡ଼ା ଯୁଗ୍ମ ସମ୍ପାଦକ ବଲଜିତ ସିଂ ସେଖୋନ ଭାରତୀୟ ଦଳ ପାଇଁ ଚୟନ ଟ୍ରାଏଲ୍‌ରେ ସନ୍ତୋଷ ପ୍ରକାଶ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ରଗ୍‌ବୀ ଓ ଚେସ୍ ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ବାଳିକା ରଗ୍‌ବୀ ଦଳ : ସନ୍ଧ୍ୟାରାଣୀ ଟୁଡୁ, ଗୋମତୀ, କଲ୍ୟାଣୀ ପତି, ଭୂମିକା ଶୁକ୍ଳା, ସୁନୀତା ହାଁସଦା, ଉଜ୍ଜ୍ୱଳା ଘୁଗେ, ନୈନା, ଆକାଂକ୍ଷା କାଟକାଡେ, ବୈଷ୍ଣବୀ ପତି, ସାକ୍ଷୀ କୁମ୍ଭାର, ନିର୍ମାଲ୍ୟା ରାଉତ, ଦୁମୁନି ମାର୍ଣ୍ଡି ରିଜର୍ଭ: ଶୁଭାଙ୍ଗୀ ଗାଭାଡେ, ସ୍ମୃତି ମାଲି, ତରୁଲତା ନାଏକ, ରଞ୍ଜିତା ନାଏକ।

ବାଳକ ରଗ୍‌ବୀ ଦଳ : ମନୋଜ କୁମାର ସିଂ, ତେଜାସ ପତି, ମୋନୁ, ଆର୍ଯ୍ୟନ ଦୀକ୍ଷିତ, ଯୁଗଲ କିଶୋର ମାଝି, ହାର୍ଦ୍ଦିକ ରାଜେଭୋସାଲେ, ବିନୋଦ ମାରାଣ୍ଡି, ସାଲେ ମାଝି, ପ୍ରଣବ ପତି, ରୋହିତ କଦମ, ରାଜୁ କୁମାର, ଦିବେଶ ଦେଭଡିଗା ରିଜର୍ଭ : ମକରନ୍ଦ ପ୍ରଧାନ, ରାଜ କୁମାର, ଦିଶାନ୍ତ ଦତ୍ତ, ଫଣୀନ୍ଦ୍ର ଭୋଇ।

ବାଳିକା ଚେସ୍ ଦଳ : ଆକାଂକ୍ଷା ହଗ୍‌ୱାନୀ, ମୋକ୍ଷତା ମହାଜନ, ସାଇନା ସାଲୋନିକା, ଜୁନୁ ବିରୁଆ।

ଧୋନିଙ୍କୁ ପତ୍ର ଲେଖିଲେ ଦୁବେଙ୍କ ପତ୍ନୀ

ନୂଆଦିଲ୍ଲୀ

ଚେନ୍ନାଇ ସୁପରକିଙ୍ଗ୍ସ ଅଲରାଉଣ୍ଡର ଶିବମ୍ ଦୁବେଙ୍କ ଅଭିନେତ୍ରୀ ପତ୍ନୀ ଅଞ୍ଜୁମ ଖାନ ସୋମବାର କିମ୍ବଦନ୍ତୀ ମହେନ୍ଦ୍ର ସିଂହ ଧୋନିଙ୍କୁ ସାମାଜିକ ଗଣମାଧ୍ୟମରେ ଆବେଗଭରା ପତ୍ର ଲେଖିଛନ୍ତି। ଏଥିରେ ସେ ଧୋନିଙ୍କର ଜଣେ ବଡ଼ ପ୍ରଶଂସକ, ଏପରିକି ଶିବମ୍‌ଙ୍କଠାରୁ ଧୋନିଙ୍କ ଖେଳ ଦେଖିବାକୁ ଅଧିକ ପସନ୍ଦ କରନ୍ତି। ଧୋନିଙ୍କୁ ଭେଟିବାକୁ ସବୁବେଳେ ଚାତକ ଭଳି ଚାହି ରହିଛନ୍ତି ବୋଲି କହିଛନ୍ତି। ଅଞ୍ଜୁମଙ୍କ ଏହି ଲେଖା ପରେ ଧୋନି ପ୍ରଶଂସକ ତାଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ଭାଉଜ ତୁମେ ହୃଦୟ ଜିତିନେଲ ବୋଲି ଅନେକ ଲେଖିଛନ୍ତି। କିଛି ଦିନ ପୂର୍ବେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଅଧିନାୟକ କେଏଲ ରାହୁଲ ମଧ୍ୟ ଧୋନିଙ୍କୁ ନେଇ ପ୍ରଶଂସକଙ୍କ ପାଗଳାମି ବିଷୟରେ ମତ ଦେଇଥିଲେ। ଧୋନିଙ୍କ ପ୍ରଶଂସକଙ୍କ ଭଳି ପ୍ରଶଂସକ ସେ ଦେଖି ନାହାନ୍ତି। ରାହୁଲ କହିଛନ୍ତି ଯେ ଅବସରର ଏତେ ଦିନ ପରେ ବି ଧୋନିଙ୍କୁ କ୍ରିକେଟପ୍ରେମୀ ଯେଭଳି ଭଲ ପାଉଛନ୍ତି, ତାହା ଅତୁଳନୀୟ।

ଏସିଆନ୍ ହୁଇଲ ଚେୟାର ଫେନ୍‌ସିଂ ଚମ୍ପିୟନସିପ୍ ଭାରତୀୟ ଦଳରେ ୫ ଓଡ଼ିଆ

ଭୁବନେଶ୍ୱର

ବୁଧବାରଠାରୁ ଏପ୍ରିଲ ୨୮ ପର୍ଯ୍ୟନ୍ତ ଥାଇଲାଣ୍ଡରେ ହେବାକୁ ଥିବା ଏସିଆନ୍ ହୁଇଲ ଚେୟାର ଫେନ୍‌ସିଂ ଚମ୍ପିୟନସିପ୍ ଲାଗି ମନୋନୀତ ଭାରତୀୟ ଦଳରେ ଓଡ଼ିଶାର ୫ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଭି. ରମେଶ ରାଓ, ରାଖାଲ୍ କୁମାର ସେଠୀ, ପବିତ୍ର ସାହୁ, ମାଳତୀ ପାନାଉରେ ଓ ଶିଲା ମନ୍ତ୍ରୀ ଏମାନେ ସମସ୍ତେ ବ୍ୟକ୍ତିଗତ ଓ ଦଳଗତ ଇଭେଣ୍ଟରେ ଭାଗ ନେବେ। ଓଡ଼ିଶାର ଏହି ଖେଳାଳିମାନେ ନକଟକରେ ଅନୁଷ୍ଠିତ ୧୬ତମ ଜାତୀୟ ଚମ୍ପିୟନସିପ୍‌ରେ ଉନ୍ନତ ପ୍ରଦର୍ଶନ କରି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ପାରା ସ୍ପୋର୍ଟସ ଆସୋସିଏସନ୍ ଓଡ଼ିଶାର ସଭାପତି କମଳାକାନ୍ତ ରଥ ଓ ହୁଇଲ ଚେୟାର ଫେନ୍‌ସିଂ ଓଡ଼ିଶାର ଚେୟାରପର୍ସନ ବେଲା ଜୟସ୍ୱାଲଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଶୁଭକାମନା କରିଛନ୍ତି।

ଟି-୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳର ଟପ୍-୩ଙ୍କୁ ବାଛିଲେ ଇର୍ଫାନ୍

ନୂଆଦିଲ୍ଲୀ

ଭାରତୀୟ କ୍ରିକେଟ ଦଳର ସର୍ବଶ୍ରେଷ୍ଠ ଅଲରାଉଣ୍ଡର ଇରଫାନ୍ ପଠାନ୍ ଆଗାମି ଟି-୨୦ ବିଶ୍ୱକପ ପାଇଁ ନିଜ ଦଳରେ ଖେଳାଳିଙ୍କୁ ବାଛିଛନ୍ତି। ମାସେ ମଧ୍ୟରେ ଏହା ଦ୍ୱିତୀୟ ଥର ପାଇଁ ଭାରତୀୟ ଦଳ ଚୟନ କରିଛନ୍ତି। ପୂର୍ବରୁ ଚୟନ କରିଥିବା ଦଳ ଆଉ ଏବେକାର ଦଳ ସାମାନ୍ୟ କିଛି ପାର୍ଥକ୍ୟ ଅଛି। ଏଥର ସେ ଟପ୍-୩ ଚୟନ କରିଛନ୍ତି। ଏକ୍ସ ଆକାଉଣ୍ଟରେ ପୋଷ୍ଟ କରି ଟି-୨୦ ବିଶ୍ୱକପ ପାଇଁ ଭାରତୀୟ ଦଳ ଚୟନ କରିଛନ୍ତି। ଇରଫାନ ସେ ଲେଖିଛନ୍ତି ଭାରତୀୟ ଦଳ ପାଇଁ ଏମାନେ ମୋର ଟପ୍-୩। ଏହି ତାଲିକାରେ ସେ ରୋହିତ ଶର୍ମା, ଯିଏକି ଦଳର ଅଧିନାୟକ, ଯଶସ୍ୱୀ ଯୈସ୍ୱାଲ ଏବଂ ବିରାଟ କୋହଲି।

୨୦୦୭ରେ ଅନୁଷ୍ଠିତ ପ୍ରଥମ ଟି-୨୦ ବିଶ୍ୱକପରେ ଭାରତ ଚମ୍ପିଅନସିପ୍ ଟ୍ରଫି ଜିତିବାରେ ଇରଫାନ ପଠାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ଫାଇନାଲରେ ଇରଫାନଙ୍କୁ ମନୋନୀତ କରାଯାଇଥିଲା। ୪ ଓଭରରେ ସେ ୧୬ରନ ଦେଇ ୩ଟି ୱିକେଟ ନେଇଥିଲେ। ୨୦୦୭ ପରଠାରୁ ଭାରତ ଟି-୨୦ ବିଶ୍ୱକପ ଜିତିନାହିଁ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପୃଥିବୀ ଦିବସ-୨୦୨୪ ପାଳିତ

ବାଲେଶ୍ୱର, ନ୍ୟୁଜ୍

ଚଳିତ ବର୍ଷ ପୃଥିବୀ ଦିବସର ମୁଖ୍ୟ ପ୍ରସଙ୍ଗ ଗ୍ରହ ବନାମ ପ୍ଲାଷ୍ଟିକ (ପ୍ଲାନେଟ୍ ବନାମ ପ୍ଲାଷ୍ଟିକ)କୁ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଭୂଗୋଳ ବିଭାଗ, ଭୂବିଜ୍ଞାନ ବିଭାଗ ଓ ପରିବେଶ ବିଜ୍ଞାନ ବିଭାଗର ମିଳିତ ସହଯୋଗ ରେ ପୃଥିବୀ ଦିବସ-୨୦୨୪ ପାଳିତ ହୋଇଯାଇଛି। ଏହି ୫୫ତମ ପୃଥିବୀ ଦିବସ ପାଳନ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଏହି ଦିବସର ସ୍ୱାତନ୍ତ୍ର୍ୟ ସଂପର୍କରେ ଡକ୍ଟର ନିହାର ରଞ୍ଜନ ରାଉତ ଓ ଡକ୍ଟର ରୋଜାଲିନ ଦାସ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପୃଥିବୀକୁ ସଂପୂର୍ଣ୍ଣ ପ୍ଲାଷ୍ଟିକ ବିହୀନ କରିବାର ସଂକଳ୍ପ ନେଇ ପ୍ଲାଷ୍ଟିକ ବ୍ୟବହାରକୁ ଯଥା ସମ୍ଭବ ହ୍ରାସ କରିବାକୁ ବ୍ୟକ୍ତିଗତ ସ୍ତରରେ ପ୍ରୟାସ କରିବା ଓ ଆସନ୍ନ ପିଢ଼ିକୁ ଏକ ନୂତନ ଓ ସୁସ୍ଥ ଜୀବନ ବଞ୍ଚିବା ପାଇଁ ପୃଥିବୀକୁ ପୁନଃନିର୍ମାଣ କରବାକୁ ଆପ୍ରାଣ ଉଦ୍ୟମର ଆହ୍ୱାନ ଦେଇଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦର ଅଧକ୍ଷ ପ୍ରଫେସର ଡକ୍ଟର ସୂର୍ଯ୍ୟେନ୍ଦୁ କୁମାର ଦେ ଯୋଗଦେଇ, ପୃଥିବୀ ଦିବସ ପାଳନର ଇତିହାସ ସହ ଏଥି ସଂପର୍କିତ ଅନେକ ମୂଲ୍

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଅପ୍ରେଲ୨୦୨୪ ଗୁରୁବାର



କୁଚିଣ୍ଡାରେ ପ୍ରଣବଙ୍କ ପାଞ୍ଚାର ସୋ

ଆପଣମାନେ ମାଲିକ, ବିଚାର କରିବାର ସମୟ ଆସିଛି : ପ୍ରଣବ ପ୍ରକାଶ

ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ

ବିଗତ ନିର୍ବାଚନରେ ଆମେ ବିଜେପିର ସାଂସଦ ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରାଇଥିଲୁ। କିନ୍ତୁ ସାଂସଦ ଭାବରେ ସେ ଯେଉଁ କାମ କରିବା କଥା ତାହା କଲେ ନାହିଁ।

ଭାରତୀୟ ଜନତା ପାର୍ଟି ପ୍ରତି ଆମର ଆଉ ଭରସା ନାହିଁ, ଯେହେତୁ ଓଡ଼ିଶାର ଜଣେ ଦକ୍ଷ ନେତା ପ୍ରଣବ ପ୍ରକାଶ ଦାସ ସମ୍ବଲପୁର ଲୋକସଭା ପାଇଁ ପ୍ରାର୍ଥିତ୍ୱ କରୁଛନ୍ତି ଏହା ଆମ ଅଞ୍ଚଳ ପାଇଁ ଏକ ସୁବର୍ଣ୍ଣ ସୁଯୋଗ। ଏ ସୁଯୋଗକୁ ହାତଛଡ଼ା ନ କରି ଆମେ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବୁ। ପ୍ରଣବ ପ୍ରକାଶ ଦାସଙ୍କୁ ଲକ୍ଷାଧିକ ଭୋଟ ବ୍ୟବଧାନରେ ଜିତାଇବୁ ବୋଲି କୁଚିଣ୍ଡାରେ ପ୍ରଚାର କାର୍ଯ୍ୟକ୍ରମ ସମୟରେ ନିଜର ମତ ରଖିଛନ୍ତି ଜନତା।

ଛେଣ୍ଡିପଦା, ଦେବଗଡ଼ରେ ପ୍ରଚାର କରିବା ପରେ ଅପରାହ୍ଣରେ କୁଚିଣ୍ଡା ସ୍ଥିତ ବାମରା ଠାରେ ପହଞ୍ଚିଥିଲେ ପ୍ରଣବ ପ୍ରକାଶ ଦାସ। ହଜାର ହଜାର ସଂଖ୍ୟାରେ ଜନସାଧାରଣ ତାଙ୍କୁ ସ୍ୱାଗତ କରିବାକୁ ପୂର୍ବପ୍ରସ୍ତୁତି କରି ସାରିଥିଲେ। ବିଜୁ ପଟ୍ଟନାୟକ ଛକରେ ପହଞ୍ଚିବା ପରେ ସେଠାରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏକ ବିଶାଳ ବାଇକ୍ ରାଲି କରି ତାଙ୍କୁ ଗୋବିନ୍ଦପୁର ସ୍ଥିତ ଖେଳପଡ଼ିଆରେ ଆୟୋଜିତ ସଭା ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ସଭାରେ ଜନସାଧାରଣଙ୍କୁ ସମ୍ବୋଧନ କରି ଗତ ପାଞ୍ଚ ବର୍ଷରେ କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିକାଶ କାର୍ଯ୍ୟ ସର୍ମ୍ପକରେ ବଖାଣିଥିଲେ। ରାସ୍ତା, ଖେଳପଡିଆ, ୫-ଟି ସ୍କୁଲ ରୁପାନ୍ତରଣ ସର୍ମ୍ପକରେ କହିଥିଲେ। ସଭାରୁ ବିରୋଧିଙ୍କୁ ଟାର୍ଗେଟ କରି ପ୍ରଣବ କହିଥିଲେ, ବିକାଶ ବିରୋଧୀଙ୍କୁ ରପାନ୍ତରଣ ସହ୍ୟ ହେଉନାହିଁ। ତେଣୁକରି ସେମାନେ ବିକାଶ କାର୍ଯ୍ୟକୁ ବିରୋଧ କରୁଛନ୍ତି ବୋଲି କହି ପ୍ରଣବ ପ୍ରକାଶ ଟାର୍ଗେଟ କରିଥିଲେ। ତେଣୁକରି ନିର୍ବାଚନରେ ବିକାଶ ବିରୋଧୀଙ୍କୁ ପ୍ରତ୍ୟାଖ୍ୟାନ କରି ଉଚିତ ଜବାବ ଦିଅନ୍ତୁ ବୋଲି ଆହ୍ୱାନ କରିଥିଲେ। ପ୍ରଚାର ସମୟରେ ପ୍ରଣବ ପ୍ରକାଶଙ୍କ ସହିତ କୁଚିଣ୍ଡା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ ଉପସ୍ଥିତ ଥିଲେ।

ଭାରତରେ ମୋଦି ଅବିଶ୍ୱସନୀୟ କାର୍ଯ୍ୟ କରିଛନ୍ତି : ଜେପି ମୋର୍ଗାନର ସିଇଓ ଜେମି ଡିମନ

ନୂଆଦିଲ୍ଲୀ, ପିଆଇବି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂସ୍କାର କାର୍ଯ୍ୟକାରୀ କରିବା ସହିତ ଭାରତରେ ଏକ ଅବିଶ୍ୱସନୀୟ କାର୍ଯ୍ୟ କରୁଛନ୍ତି ଏବଂ ସମାବେଶୀ ଆର୍ଥିକ କାର୍ଯ୍ୟକ୍ରମ ମାଧ୍ୟମରେ ୪୦ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ବାହାର କରିଛନ୍ତି ବୋଲି ଜେପି ମୋର୍ଗାନ ଚେଜ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜେମି ଡିମୋନ କହିଛନ୍ତି। ନ୍ୟୁୟର୍କର ଇକୋନୋମିକ କ୍ଲବ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଡିମୋନ ଏହି ମନ୍ତବ୍ୟ ଦେଇଛନ୍ତି।

ସେ ଭାରତ ସରକାରଙ୍କ ପ୍ରଦର୍ଶନ ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରଶଂସା କରିଛନ୍ତି। ମୋଦି ଭାରତରେ ଏକ ଅବିଶ୍ୱସନୀୟ କାର୍ଯ୍ୟ କରିଛନ୍ତି। ସେ ୪୦ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ବାହାର କରିଛନ୍ତି, ଡିମୋନ କହିଛନ୍ତି ସେମାନଙ୍କ ପାଖରେ ଏକ ଅବିଶ୍ୱସନୀୟ ଶିକ୍ଷା ବ୍ୟବସ୍ଥା ରହିଛି, ଅଭୂତପୂର୍ବ ଭିତ୍ତିଭୂମି ଅଛି, ସେମାନେ ସମଗ୍ର ଦେଶର ଉନ୍ନତି କରିଛନ୍ତି, କାରଣ ଶ୍ରୀ ମୋଦି ଜଣେ ଦୃଢ଼ମନା ବ୍ୟକ୍ତି ବୋଲି ଡିମନ କହିଛନ୍ତି। ସେ ଆହୁରି କହିଛନ୍ତି, ମୁଁ ଭାବୁଛି ପ୍ରଚଳିତ ଧାରାକୁ ଭାଙ୍ଗିବା ପାଇଁ ଆପଣଙ୍କୁ ଦୃଢ଼ମନା ହେବାକୁ ପଡ଼ିବ, ଏହା ଆପଣ ଜାଣନ୍ତି ଆଉ ସେ କେତେକ ଅମଲାତନ୍ତ୍ରିକ ବାଧାକୁ ଭାଙ୍ଗି ଦେଇଛନ୍ତି।

ନିକଟ ଅତୀତରେ ମୋଦି କରିଥିବା ସଂସ୍କାରକୁ ମଧ୍ୟ ଡିମନ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ସେମାନେ ଗୋଟିଏ ଅବିଶ୍ୱସନୀୟ ଧାରା ଜାରି ରଖିଛନ୍ତି। ଆଧୁନିକ ପ୍ରଯୁକ୍ତି ଜରିଆରେ ପ୍ରତ୍ୟେକ ନାଗରିକଙ୍କ ସମସ୍ୟାର ସମାଧାନ କରାଯାଉଛି। ସେମାନେ ୭୦କୋଟି ଲୋକଙ୍କ ପାଇଁ ବ୍ୟାଙ୍କ ଆକାଉଣ୍ଟ ଖୋଲିଛନ୍ତି। ସେମାନଙ୍କ ଅର୍ଥ ହସ୍ତାନ୍ତର ଜାରି ରହିଛି। ପୁରୁଣା ଅମଲାତାନ୍ତ୍ରିକ ବ୍ୟବସ୍ଥା ଭାଙ୍ଗିବା ପାଇଁ ମୋଦିଙ୍କୁ ଦୃଢ଼ମନା ବୋଲି କହିବା ସହ ଡିମନ କହିଛନ୍ତି, ଆମକୁ ଏଠାରେ (ଆମେରିକାରେ) ଟିକିଏ ଅଧିକ ଦରକାର।

୬୮ ବର୍ଷୀୟ ଡିମନ ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାକୁ ପ୍ରଶଂସା କରି କହିଛନ୍ତି ଯେ ବିଭିନ୍ନ ରାଜ୍ୟ ଉପରେ ଟିକସ ବ୍ୟବସ୍ଥାରେ ଅସମାନତା ଦୂର କରାଯିବା ପରେ ଏହି କାରଣରୁ ସୃଷ୍ଟି ହେଉଥିବା ଦୁର୍ନୀତି ଦୂର ହୋଇଛି। ... ମୁଁ ଭାବୁଛି ସେହି ବାଧା ଦୂର କରିବା ଲାଗି ଆପଣଙ୍କୁ ଦୃଢ଼ମନା ହେବାକୁ ପଡ଼ିବ। ଆପଣ ଏହା ଜାଣନ୍ତି। ସେ ଏହି ଅମଲାନ୍ତ୍ରିକ ବାଧା ଦୂର କରିପାରିଛନ୍ତି। କିନ୍ତୁ ସେମାନଙ୍କ ପାଖରେ ଏହାର ସମ୍ପୂର୍ଣ୍ଣ ଭିନ୍ନ ବ୍ୟବସ୍ଥା ରହିଛି। ଏହା ୟୁରୋପ ଭଳି। ସେମାନଙ୍କ ପାଖରେ ସମ୍ପୂର୍ଣ୍ଣ ଅଲଗା ଟିକସ ବ୍ୟବସ୍ଥା ରହିଛି, ଯାହା ବହୁପରିମାଣରେ ଦୁର୍ନୀତି ଦୂର କରିପାରିଛି। ଶ୍ରୀ ମୋଦି ସବୁକିଛି ବାଧା ଦୂର କରିପାରିଛନ୍ତି। ଆଉ ଏମିତି ଲୋକ ଅଛନ୍ତି ଯେଉଁମାନେ ଏଭଳି ପରିବର୍ତ୍ତନ ଆଣିପାରିଛନ୍ତି, ୧୮ ବର୍ଷ ଧରି ଆମେରିକାର ସବୁଠୁ ବଡ଼ ଅର୍ଥଲଗାଣ ସଂସ୍ଥା ଚଳାଉଥିବା ଡିମନ କହିଛନ୍ତି।

ବିଜେଡ଼ିରେ ଯୋଗଦେଲେ ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀର ବିଜେପି ନେତା ଓ କର୍ମୀ

ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ

ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀର ବିଜେପିନେତା ଓ କର୍ମୀ ବୁଧବାର ଶଙ୍ଖଭବନ ଠାରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, କର୍ପୋରେଟର ମିହିର କୁମାର ରାଉତ, ନିର୍ମଳ ରାଉତ, ସନ୍ତୋଷ ନାଥ, ଜୟନ୍ତୀ ସାହୁ ଓ ସରପଞ୍ଚ ହେମନ୍ତ ପରିଡ଼ାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି ନେତା ଓ କର୍ମୀଙ୍କୁ ଶ୍ରୀ ରାଉତ, ଶ୍ରୀମତୀ ଦାସ, ଡକ୍ଟର ପାତ୍ର, ମିହିର ରାଉତ, ନିର୍ମଳ ରାଉତ, ଶ୍ରୀ ନାଥ, ଶ୍ରୀମତୀ ସାହୁ ଓ ଶ୍ରୀ ପରିଡ଼ା ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ବୁଧବାର ବିଜେପିକର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଶ୍ରୀ ରାଉତ, ଶ୍ରୀମତୀ ଦାସ, ଡକ୍ଟର ପାତ୍ର, ମିହିର ରାଉତ, ନିର୍ମଳ ରାଉତ, ଶ୍ରୀ ନାଥ, ଶ୍ରୀମତୀ ସାହୁ ଓ ଶ୍ରୀ ପରିଡ଼ା କହିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ନେତାମାନେ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲୁ। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ।

ଏହି ମିଶ୍ରଣ ପର୍ବରେ ବିଜେପି ଉତ୍ତର ଗ୍ରାମୀଣ ମଣ୍ଡଳ ସଭାପତି ଯତୀନ୍ଦ୍ର ମହାନ୍ତି, ବିଜେପି ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ଉପସଭାପତି ଅକ୍ଷୟ କୁମାର ପତି, ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା କୃଷକ ମୋର୍ଚ୍ଚା ଜେନେରାଲ ସେକ୍ରେଟାରୀ ମନୋଜ ସାସ୍‌ମଲ, ଗ୍ରାମୀଣ ମଣ୍ଡଳ ଜେନେରାଲ ସେକ୍ରେଟାରୀ ପ୍ରିୟରଞ୍ଜନ କରଶର୍ମା, ପୂର୍ଣ୍ଣିମା ମିଶ୍ର, ଲିଲିବାଳା ରାଉତ, ପବିତ୍ର କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ଭୋଇ, ଅକ୍ଷୟ କାଣ୍ଡି, ସନ୍ତୋଷ ତ୍ରିପାଠୀ, ବିଭୂତିମହାନ୍ତି, ରିତା ଦାସ, ପଦ୍ମିନ ଗଉଡ଼, ବ୍ରଜକିଶୋର ସାହୁ, ଦାମୋଦର ବେହେରା, ସୁଶାନ୍ତ କୁମାର ସାବତ, ରମାମଣୀ ସାହୁ, ଶ୍ୟାମସୁନ୍ଦର ପାଇକରାୟ, ପ୍ରଫୁଲ୍ଲ ବେହେରା, ମାନସ କୁମାର ମହାନ୍ତି, ଅନା ସାହୁ, ସ୍ନେହାଶ୍ରୀ ବେହେରା, ଜିତେନ୍ଦ୍ର କୁମାର ରାଉତ, ରଞ୍ଜିତ ନାୟକ, ଦେବପ୍ରସାଦ ମହାନ୍ତି, ଶିବ ବିଶୋଇ, ସଞ୍ଜୟ କୁମାର ଦାସଙ୍କ ସହ ଶତାଧିକ ବିଜେପିକର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଏହିମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପାତ୍ର, ଉତ୍ତର ନିର୍ବାଚନମଣ୍ଡଳୀ ସଭାପତି ସୂର୍ଯ୍ୟକାନ୍ତୀ ଜେନା, ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ସାଧାରଣ ସମ୍ପାଦକ ମନୋଜ ସାହୁ, ୬ନଂ ୱାର୍ଡ଼ କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ୧୩ନଂ ୱାର୍ଡ଼ କର୍ପୋରେଟର ଇତିଶ୍ରୀ ଦାସ ଉପସ୍ଥିତ ଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

ବଢିବ ଗଣିତ ଦକ୍ଷତା, ଆମୋଦ ପ୍ରମୋଦ ମାଧ୍ୟମରେ ସଂଖ୍ୟାଜ୍ଞାନ ଶିଖିବେ ଛାତ୍ରଛାତ୍ରୀ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଗଣିତ ଏବଂ ଅଙ୍କ ଶିକ୍ଷାରେ କିପରି ଛାତ୍ରଛାତ୍ରୀ ଦକ୍ଷ ହେବେ, ସେନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଉଛି। ଯାହାଦ୍ୱାରା ଅଧିକାଂଶ ଛାତ୍ରଛାତ୍ରୀ ଏହାର ସୁଫଳ ପାଇପାରିବେ। ଆଗାମୀ ଦିନରେ ଗଣିତ ଜ୍ଞାନରେ ଛାତ୍ରଛାତ୍ରୀ କିପରି ସର୍ବାଗ୍ରେ ରହିବେ ସେଥିପାଇଁ ସ୍ୱତନ୍ତ୍ର ଭାବେ ଶିକ୍ଷଣ ସାମଗ୍ରୀ ଏବଂ ଭିଡିଓ ପ୍ରସ୍ତୁତ ହେଉଥିବା ବେଳେ, ଶିକ୍ଷକ ଏବଂ ଶିକ୍ଷକ-ପ୍ରଶିକ୍ଷକମାନଙ୍କ ସହିତ ଜାତୀୟସ୍ତରର ଅଗ୍ରଣୀ ସଂସ୍ଥା ଖାନ ଏକାଡେମୀକୁ ନେଇ ଏବେ ବିଚାରବିମର୍ଶ କରାଯାଇଛି। ଚଳିତବର୍ଷ କେବଳ ନବମ ଏବଂ ଦଶମ ଶ୍ରେଣୀରେ ଏହା କାର୍ଯ୍ୟକାରୀ ହେବାକୁ ଥିବା ବେଳେ ପରବର୍ତ୍ତୀ ସମୟରେ ଅନ୍ୟ ସମସ୍ତ ଶ୍ରେଣୀ ପାଇଁ ପ୍ରସ୍ତୁତ ହେବାକୁ ଯୋଜନା ରଖାଯାଇଛି। ବିଷୟଗତ ଜ୍ଞାନ ସହିତ ବାହ୍ୟଜ୍ଞାନରେ ଛାତ୍ରଛାତ୍ରୀ କିପରି ଦକ୍ଷ ହୋଇପାରିବେ ଏବଂ ଜାତୀୟସ୍ତରୀୟ ପରୀକ୍ଷାରେ ସଫଳ ହୋଇପାରିବେ ସେଥିନେଇ ରୂପରେଖ ପ୍ରସ୍ତୁତ କରିଛି ସ୍କୁଲ ଓ ଗଣଶିକ୍ଷା ବିଭାଗ। ଓଡ଼ିଆ ମାଧ୍ୟମ ବିଦ୍ୟାଳୟଗୁଡିକର ଛାତ୍ରଛାତ୍ରୀ କପରି ଆଗ୍ରହର ସହିତ ଗଣିତ ଶିକ୍ଷା ପ୍ରତି ଆକୃଷ୍ଟ ହେବେ ଏବଂ ସେମାନଙ୍କର ଦକ୍ଷତା ବୃଦ୍ଧି ପାଇବ ସେନେଇ ମୋ ସ୍କୁଲ ଅଭିଯାନ ଏବଂ ଖାନ ଏକାଡେମୀ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଏହିକ୍ରମରେ ଗଣିତ ଶିକ୍ଷଣ ସାମଗ୍ରୀ ସହିତ ଅନ୍ୟାନ୍ୟ ଶିକ୍ଷା ଉପକରଣ ପ୍ରସ୍ତୁତ କରାଯାଉଛି। ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ପାଠ୍ୟକ୍ରମ ଏବଂ ବିଷୟକୁ ଆଧାର କରି ଏହି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ ହେଉଛି। ଏଥିରେ ଛାତ୍ରଛାତ୍ରୀମାନେ କିପରି ସରଳ ଏବଂ ସହଜରେ ଶିକ୍ଷା ଗ୍ରହଣ କରିପାରିବେ ଏବଂ ଗଣିତକୁ ନେଇ ସେମାନେ ସାମ୍ନା କରୁଥିବା ଦ୍ୱନ୍ଦ୍ୱ ଦୂର କରିପାରିବେ ସେନେଇ ଗୁରୁତ୍ୱ ଦିଆଯାଇଛି। କ୍ରୀଡ଼ା ଏବଂ ଆମୋଦ ପ୍ରମୋଦ ମାଧ୍ୟମରେ ବିଦ୍ୟାଳୟରେ ଶିକ୍ଷାଦାନ କରାଯାଇ ପାରିବ ତା' ଉପରେ ଧ୍ୟାନ ଦିଆଯାଉଛି। ଏଥିପାଇଁ ବିଦ୍ୟାଳୟ ସମୟ ମଧ୍ୟରେ ସ୍ୱତନ୍ତ୍ର ସମୟ ଅବିଧି ମଧ୍ୟ ରହିବ।

ଲୋକାଭିମୁଖୀ ଯୋଜନା ବିଜେଡିକୁ ଦେବ ବଡ଼ ବିଜୟ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ରୂପାନ୍ତରଣ ଓଡ଼ିଶା, ବିଏସ୍‌କେୱାଇ ସହ ଏକାଧିକ ଲୋକାଭିମୁଖୀ ଯୋଜନା ବିଜେଡିକୁ ଦେବ ବଡ଼ ବିଜୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଦୃଢ ନେତୃତ୍ୱ ଓଡ଼ିଶାରେ ବିକାଶକୁ ନୂଆ ପରିଚୟ ଦେଇଛି। ତୃଣମୂଳସ୍ତରରେ ଏହାକୁ ମୁଖ୍ୟଅସ୍ତ୍ର କରି ବିଜେଡି ଟିକେଟ ପାଇଥିବା ନେତା ବଡ଼ ବିଜୟ ଲକ୍ଷ୍ୟ ରଖିଛନ୍ତି। ନବୀନଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାକୁ ଓଡ଼ିଶାବାସୀ ମନସ୍ଥ କରିଥିବାରୁ ବିଜେଡ଼ି ୧୨୮ ବିଧାନସଭା ଓ ୧୮ ଲୋକସଭା ଆସନରେ ବିଜୟୀ କରିବାକୁ ଟାର୍ଗେଟ ରଖିଛି। ଯାହାକୁ ନେଇ ଉଷ୍ମ ନିର୍ବାଚନୀ ରାଜନୀତି।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓଡ଼ିଶାବାସୀଙ୍କ ପାଇଁ ବରଦାନ। ବଡ଼ ବଡ଼ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ସାଧାରଣ ଖଟିଖିଆ ଶ୍ରମିକ। ମହିଳାଙ୍କୁ ୧୦ ଲକ୍ଷ ଟଙ୍କା ଏବଂ ପୁରୁଷଙ୍କୁ ୫ ଲକ୍ଷ ଯାଏ ଚିକିତ୍ସା ଖର୍ଚ୍ଚର ସୁବିଧା ମିଳୁଛି। ସୁସ୍ଥ ଓଡ଼ିଶା ଓ ସୁଖି ଓଡ଼ିଶା ଗଠନ ଲକ୍ଷ୍ୟ ପୂରଣ ହେବାରେ ଲାଗିଛି। ନବୀନଙ୍କ ବିଏସ୍‌କେୱାଇ କାର୍ଡ ଏବେ ପୂରା ଦେଶ ପାଇଁ ସାଜିଛି ରୋଲ ମଡ଼େଲ। ଓଡ଼ିଶାବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ବିଏସ୍‌କେୱାଇ କାର୍ଡ ବେଶ୍ ଗ୍ରହଣୀୟ ହୋଇଛି। ସେହିପରି ବିଭିନ୍ନ ଧାର୍ମୀକ ପୀଠର ଉନ୍ନତି, ପର୍ଯ୍ୟଟନୀ ସ୍ଥଳୀର ବିକାଶ, ୫-ଟି ସ୍କୁଲ, ଲକ୍ଷ୍ମୀ ବସ୍, ଗମନାଗମନରେ ସୁଦୃଢ ଭିତ୍ତିଭୂମି ଓଡ଼ିଶାକୁ ନୂଆ ପରିଚୟ ଦେଇଛି। ଏଥିଲାଗି ଓଡ଼ିଶାବାସୀ ମୁଖ୍ୟମନ୍ତ୍ରୀ ନବୀନଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାକୁ ମନସ୍ଥ କରିଛନ୍ତି। ତେଣୁ ବିଧାୟକ ଓ ସାଂସଦ ଟିକେଟ ପାଇଥିବା ନେତାଙ୍କ ପାଇଁ ଏହା ନିର୍ବାଚନରେ ବଡ଼ ଆର୍ଶୀବାଦ ହେବ। ନିର୍ବାଚନରେ ସମୟରେ ବିରୋଧୀ ଯେତେ ଅପ୍ରଚାର କଲେବି ବିଜେଡ଼ି ପ୍ରାର୍ଥୀଙ୍କ ଉପରେ କୌଣସି ପ୍ରଭାବ ପଡ଼ିବନି ବୋଲି ଟିକେଟ ପାଇଥିବା ନେତାମାନେ କହିଛନ୍ତି। ୨୫ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କ ସେବା କରିଛନ୍ତି। ସାଢେ ୪ କୋଟି ଓଡ଼ିଆଙ୍କୁ ନିଜର ପରିବାର ଭାବେ ଗ୍ରହଣ କରି ସେମାନଙ୍କ ସୁଖ ଦୁଃଖର ସାଥୀ ହୋଇଛନ୍ତି। ଯେଉଁଥିଲାଗି ନବୀନ ଲୋକପ୍ରିୟ ଓ ଶ୍ରେଷ୍ଠ ନେତାର ମାନ୍ୟତା ବଜାୟ ରଖିଛନ୍ତି। ନବୀନଙ୍କ ଲୋକାଭିମୁଖୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟକ୍ରମ ବିଜେଡିକୁ ୨୪ରେ ବଡ଼ ବିଜୟ ଦେବ ବୋଲି ବିଭିନ୍ନ ସର୍ଭେ ରିପୋର୍ଟରେ ପ୍ରକାଶ ପାଇସାରିଛି। ତେଣୁ ବିଜେଡି ଟିକେଟ ପାଇଥିବା ନେତାଙ୍କୁ ଲୋକଙ୍କ ଆର୍ଶୀବାଦ ମିଳିବ ବୋଲି ରାଜନୈତିକ ସମୀକ୍ଷକ କହିଛନ୍ତି। ବିଜେଡ଼ି ୧୪୧ ବିଧାୟକ ଓ ୨୧ ସାଂସଦ ପ୍ରାର୍ଥୀକୁ ମଇଦାନକୁ ଓହ୍ଲାଇଛି। ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ବିଜେଡିର ହାୱା ତୃଣମୂଳସ୍ତରରେ ସେତିକି ବଢିବାରେ ଲାଗିଛି। ନବୀନଙ୍କ ବିକାଶ ୨୪ରେ ବଡ଼ ବିଜୟ ଆଣିବା ନେଇ ସବୁ ମହଲରେ ଚର୍ଚ୍ଚା।

ଭୁବନେଶ୍ୱର : ବିଜୟଲକ୍ଷ୍ମୀ ନନ୍ଦ ଓ ସଂଗୀତା ମିଶ୍ରଙ୍କ ଦ୍ୱାରା ରଚିତ ସଦ୍ୟତମ ପୁସ୍ତକ 'ଥାର୍ଟି-ୱାନ୍ ପାଣ୍ଡେମିକ୍ ଲେଟର୍ସ ଅଫ ଲସ୍ ଆଣ୍ଡ ଲଭ୍' ଲୋକାର୍ପଣ ଉତ୍ସବରେ ଲେଖିକାଙ୍କ ସହିତ ମୁଖ୍ୟ ଅତିଥି ବିଶିଷ୍ଟ ଶିଶୁସାହିତ୍ୟିକ ଜିତେନ୍ଦ୍ର ନାରାୟଣ ଦାଶ, ପୂର୍ବତନ ସୂଚନା କମିଶନର ପ୍ରଫେସର ଜଗଦାନନ୍ଦ, ବିଜୟା ମିଶ୍ର, ପାରମିତା ପଣ୍ଡା ପ୍ରମୁଖ ମଞ୍ଚାସୀନ ଅଛନ୍ତି। (ଫଟୋ : ସମ୍ବାଦ କଳିକା)

ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ୦୯ଟି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଠାରେ ଗ୍ରୀଷ୍ମ ସମୟରେ ସ୍ୱଳ୍ପମୂଲ୍ୟ ଖାଦ୍ୟ ବ୍ୟବସ୍ଥା

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

କମ ଖର୍ଚ୍ଚ ସଚେତନ ଥିବା ଯାତ୍ରୀମାନଙ୍କ ପାଇଁ ଏକ ବଡ଼ ଖବର। ଭାରତୀୟ ରେଳବାଇ ସହିତ ଭାରତୀୟ ରେଳ କ୍ୟାଟରିଂ ଆଣ୍ଡ ଟୁରିଜିମ କର୍ପୋରେସନ (ଆଇଆରସିଟିସି) ଯାତ୍ରୀମାନଙ୍କୁ ବିଶେଷ କରି ଅଣସଂରକ୍ଷିତ କୋଚରେ ଥିବା ଯାତ

ଉତ୍କଳ ଦୀପିକା
ଶତ ବର୍ଷ
ଭୁବନେଶ୍ୱର
୨୫ ଅପ୍ରେଲ
ଗୁରୁବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24

କ୍ରିଟିକାଲ୍ ଓ ଷ୍ଟ୍ରାଟେଜିକ ମିନେରାଲ କ୍ଷେତ୍ରରେ ଜିଓଫିଜିକାଲ୍ ଅନୁସନ୍ଧାନ ନିମନ୍ତେ

କାବିଲ୍ ଓ ସି.ଏସ୍.ଆଇ.ଆର-ଏନ.ଜି.ଆର.ଆଇ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର, ୨୪।୪:ନ୍ୟୁଜ୍‌ବ୍ୟୁରୋ
ଜିଓଫିଜିକାଲ୍ ଅନୁସନ୍ଧାନ କ୍ଷେତ୍ରରେ ଏକ ଦୀର୍ଘକାଳୀନ ସହଯୋଗ ତଥା କ୍ରିଟିକାଲ୍ ମିନେରାଲ କ୍ଷେତ୍ରରେ ନିଜର ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ନିମନ୍ତେ ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ୍ (କାବିଲ୍) ଓ ସି.ଏସ୍.ଆଇ.ଆର– ନ୍ୟାସନାଲ ଜିଓଫିଜିକାଲ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଏନ.ଜି.ଆର.ଆଇ) ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଏମ୍‌ଓୟୁ ମାଧ୍ୟମରେ ଜିଓଫିଜିକାଲ୍, ଜିଓ କେମିକାଲ୍ ଏବଂ ଜିଓଲୋଜିକାଲ୍ ସର୍ଭେ, ତଥ୍ୟ ବିଶ୍ଳେଷଣ, ବ୍ୟାଖ୍ୟା ଓ ମଡେଲିଂ, ବୈଜ୍ଞାନିକ ଜ୍ଞାନ ଆଦାନପ୍ରଦାନ, ବୈଷୟିକ ସହାୟତା ଏବଂ ପରାମର୍ଶ ସେବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଭୁବନେଶ୍ୱରସ୍ଥିତ ନାଲ୍‌କୋ କର୍ପୋରେଟ କାର୍ଯ୍ୟାଳୟରେ ସିଏମ୍‌ଡି ନାଲକୋ ତଥା କାବିଲ୍ ଚେୟାରମ୍ୟାନ୍, ଶ୍ରୀଧର ପାତ୍ରଙ୍କ ଉପସ୍ଥିତିରେ ନାଲ୍‌କୋ ନିର୍ଦ୍ଦେଶକ (ବାଣିଜ୍ୟିକ) ତଥା କାବିଲ୍ ସିଇଓ, ସଦାଶିବ ସାମନ୍ତରାୟ ଏବଂ ସି.ଏସ୍.ଆଇ.ଆର- ଏନ.ଜି.ଆର.ଆଇ ନିର୍ଦ୍ଦେଶକ ଡ. ପ୍ରକାଶ କୁମାରଙ୍କ ଦ୍ୱାରା ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ସିଏମଡି, ନାଲ୍‌କୋ ତଥା ଚେୟାରମ୍ୟାନ୍ କାବିଲ, ଶ୍ରୀଧର ପାତ୍ର କହିଛନ୍ତି ଯେ, ଏହି ସହଯୋଗ ମାଧ୍ୟମରେ କାବିଲର ବିଭିନ୍ନ ପ୍ରକଳ୍ପ ନିମନ୍ତେ ନୂତନ ଉଦ୍ଭାବନ ଏବଂ କାର୍ଯ୍ୟକ୍ଷମ ଅନ୍ତଦୃଷ୍ଟି ନିମନ୍ତେ ଅନେକ ମାର୍ଗ ଉନ୍ମୁକ୍ତ ହେବ। ଉଲ୍ଲେଖଯୋଗ୍ୟ ଯେ, କାବିଲ୍ ହେଉଛି ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ତତ୍ତ୍ୱାବଧାନରେ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ), ହିନ୍ଦୁସ୍ତାନ କପର ଲିମିଟେଡ୍ (ଏଚ.ସି.ଏଲ) ଏବଂ ମିନେରାଲ୍ ଏକ୍ସପ୍ଲୋରେସନ୍ ଆଣ୍ଡ କନ୍ସଲଟାନ୍ସି ଲିମିଟେଡ୍ (ଏମ.ଇ.ସି.ଏଲ)ର ଏକ ମିଳିତ ଉଦ୍ୟମ ଅଟେ ।

ମହମ୍ମଦ ମୋକିମଙ୍କ ଝିଅ ସୋଫିଆ କଟକ-ବାରବାଟୀ ଆସନରୁ ନିର୍ବାଚନ ଲଢିପାରନ୍ତି

କଟକ, ୨୪।୪:ନ୍ୟୁଜ୍‌ବ୍ୟୁରୋ
ନିର୍ବାଚନ ଲଢିପାରନ୍ତି ବିଧାୟକ ମହମ୍ମଦ ମୋକିମଙ୍କ ଝିଅ ସୋଫିଆ ଫିର୍ଦ୍ଦୋସ୍। କଟକ-ବାରବାଟୀରୁ କଂଗ୍ରେସ ପ୍ରାର୍ଥୀ ହୋଇପାରନ୍ତି ସୋଫିଆ। ନିର୍ବାଚନ ଲଢିବା ନେଇ ମୋକିମଙ୍କ ସମ୍ଭାବନା ଶେଷ ହେବା ପରେ ତାଙ୍କ ଝିଅ ସୋଫିଆକୁ ନେଇ ଚାଲିଛି ଅଙ୍କକଷା। ଏନେଇ ମହମ୍ମଦ ମୋକିମଙ୍କ ଘରେ ସମର୍ଥକଙ୍କୁ ନେଇ ଚାଲିଛି ଗୁରୁତ୍ୱପୂର୍ଣ୍ଣ ବୈଠକ। ଏ ପ୍ରସଙ୍ଗରେ ମହମ୍ମଦ ମୋକିମ କହିଛନ୍ତି, ସମସ୍ତଙ୍କ ମତାମତ ଲୋଡୁଛି। ବୃତ୍ତାନ୍ତ ନିଷ୍ପତ୍ତି ପିସିସି ନେବ। କର୍ମୀଙ୍କ ଭାବାବେଗକୁ ସମ୍ମାନ ଦେଉଛି। କିନ୍ତୁ ସବୁକିଛି ମୋ ଉପରେ ନିର୍ଭର କରୁନାହିଁ। ବଞ୍ଚିଥିବା ଯାଏଁ କଟକ ସହର ପାଇଁ ସେବା କରିବି। ଝିଅ ସୋଫିଆ ନିର୍ବାଚନରେ ପ୍ରାର୍ଥୀ ହେବେ କି ନାହିଁ ଚିନ୍ତା କରାଯିବ ବୋଲି ମୋକିମ କହିଛନ୍ତି। ସୂଚନାଯୋଗ୍ୟ ଯେ, ଓଆରଏଚଡିସି ଦୁର୍ନୀତି ମାମଲାରେ ଛନ୍ଦି

ହୋଇଥିବାରୁ ନିର୍ବାଚନ ଲଢିପାରିବେନି ମହମ୍ମଦ ମୋକିମ୍। ତଳକୋର୍ଟଙ୍କ ଆଦେଶ ଉପରେ ରହିତାଦେଶ ଦେବାକୁ ମନା କରିଛନ୍ତି ସୁପ୍ରିମକୋର୍ଟ। ତେବେ ଓଆରଏଚଡିସି ଦୁର୍ନୀତି ମାମଲାରେ ମୋକିମଙ୍କୁ ଜାମିନ ପ୍ରଦାନ କରିଛନ୍ତି ସୁପ୍ରିମକୋର୍ଟ। ଆବେଦନକୁ ଗ୍ରହଣ କରି ଭିଜିଲାନ୍ସକୁ ନୋଟିସ୍ କରିଛନ୍ତି ସର୍ବୋଚ୍ଚ ଅଦାଲତ। ଓଆରଏଚଡିସି ମାମଲାରେ ମୋକିମଙ୍କୁ ଜାମିନ ମିଳିଥିଲେ ବି ସେ ନିର୍ବାଚନ ଲଢିପାରିବେ ନା ନାଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ସୁପ୍ରିମକୋର୍ଟ ଦଣ୍ଡାଦେଶ ଉପରେ ରହିତାଦେଶ ଦେଇନଥିବାରୁ ପ୍ରାର୍ଥୀତ୍ୱକୁ ନେଇ ଦ୍ୱନ୍ଦ୍ୱ ଲାଗିରହିଛି। କଟକ-ବାରବାଟୀ ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଏଯାଏଁ ଘୋଷଣା କରିନାହିଁ । ତେଣୁ ଚର୍ଚ୍ଚା ହେଉଛି, ମହମ୍ମଦ ମୋକିମଙ୍କ ସ୍ଥାନରେ ଝିଅ ସୋଫିଆ ଫିର୍ଦ୍ଦୋସ୍ ପ୍ରାର୍ଥୀ ହୋଇପାରନ୍ତି ।

ବିଏସ୍‌କେଓ୍ୱାଇ ଦେଉଛି ନୂଆ ଜୀବନ

ଭୁବନେଶ୍ୱର, ୨୪।୪:ନ୍ୟୁଜ୍‌ବ୍ୟୁରୋ
ପୁଣି ସାମ୍ନାକୁ ଆସିଛି ବିଏସ୍‌କେଓ୍ୱାଇର ସଫଳତାର କାହାଣୀ। ବ୍ୟୟବହୁଳ ବୋନମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ବି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣାରେ ଚିକିତ୍ସା ହେଉଛି। ଭୁବନେଶ୍ୱର ସମ୍ ହସ୍‌ପିଟାଲରେ ୭୦ ପ୍ରତିଶତ ରୋଗୀ ଏହାଦ୍ୱାରା ଉପକୃତ ହୋଇଛନ୍ତି ବୋଲି କହିଛନ୍ତି କର୍ତ୍ତୃପକ୍ଷ। ସେପଟେ ହସ୍ପିଟାଲର ହେମାଟୋଲୋଜି ବିଭାଗ ପକ୍ଷରୁ ପୁଣି ଏକ ପ୍ରତିରୋପଣ ସଫଳତାର ସହ କରାଯାଇଛି। ଜଣେ ୫୧ ବର୍ଷ ମହିଳାଙ୍କ ପ୍ରତିରୋପଣର ୪୫ ଦିନ ପରେ ମଧ୍ୟ ରୋଗୀ ସୁସ୍ଥ ଅଛନ୍ତି। ସଞ୍ଜୀବନୀ ସାଜିଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡ।

ସମ୍ପୂର୍ଣ୍ଣ ମାଗଣାରେ ମିଳୁଛି ବ୍ୟୟବହୁଳ ଚିକିତ୍ସା। ବୋନମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ବି ବିଏସକେଓ୍ୱାଇ ଦ୍ୱାରା ସମ୍ଭବ ହେଉଛି। ଭୁବନେଶ୍ୱର ସମ୍ ହସ୍‌ପିଟାଲରେ ୭୦ ପ୍ରତିଶତ ରୋଗୀ ଏହାଦ୍ୱାରା ଉପକୃତ ହୋଇଛନ୍ତି। ବିଏସକେଓ୍ୱାଇ ଯୋଗୁଁ ରୋଗୀଙ୍କ ମନୋବଳ ବଢିଥିବା କହିଛନ୍ତି ହସ୍‌ପିଟାଲ କର୍ତ୍ତୃପକ୍ଷ। ସେପଟେ ହସପିଟାଲରେ ଜଣେ ୫୧ ବର୍ଷୀୟ ମହିଳାଙ୍କ ଠାରେ ଏହି ପ୍ରତିରୋପଣ ସଫଳତାର ସହ ସମ୍ପନ୍ନ ହୋଇଛି। ମହିଳା ଜଣକ ଦୀର୍ଘ ଦିନ ଧରି ବୃକ କ୍ୟାନ୍ସରରେ ପୀଡ଼ିତ ଥିଲେ। ଏଥିପାଇଁ ତାଙ୍କର ୨୧ ବର୍ଷ ଝିଅ ନିଜର ଷ୍ଟେମ୍ ସେଲ୍ ଡୋନେଟ କରିଥିଲେ। ଅଧା ମ୍ୟାଚ୍ କରିବା ସତ୍ତ୍ୱେ ଡାକ୍ତରମାନେ ଏହାକୁ ସଫଳ କରି ଦେଖାଇଛନ୍ତି। ପ୍ରତିରୋପଣର ୪୫ ଦିନ ବିତିଯାଇଥିଲେ ମଧ୍ୟ ରୋଗୀ ସୁସ୍ଥ ଥିବା କହିଛନ୍ତି ଡାକ୍ତର। ସମ୍ ହସ୍ପିଟାଲ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ ଉପଲବ୍ଧି ହାସଲ କରୁଥିବା ବେଳେ ବିଏସକେଓ୍ୱାଇ ଯୋଗୁଁ ବୋନ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ କ୍ଷେତ୍ରରେ ଅନେକ ରୋଗୀ ନିର୍ଭର କରୁଛନ୍ତି। ବିଗତ ୨ ବର୍ଷ ମଧ୍ୟରେ ୫୦ଜଣ ରୋଗୀଙ୍କ ସଫଳତାର ସହ ହୋଇଛି ଅସ୍ତ୍ରୋପଚାର। ସେଥିମଧ୍ୟରୁ ୭୦ ପ୍ରତିଶତ ବିଏସକେଓ୍ୱାଇ ଦ୍ୱାରା କରାଯାଇଛି। ଏଥିପାଇଁ ହସ୍‌ପିଟାଲରେ ଥିବା ଦକ୍ଷଯ ଡାକ୍ତରୀ ଟିମ୍, ନର୍ସ ଟିମ, ଟେକ୍ନିସିଆନ ଟିମ୍‌ଙ୍କ କଠିନ ପ୍ରୟାସରୁ ଏହା ସଫଳ ହୋଇ ପାରିଥିବା ହସ୍ପିଟାଲ ଅଧିକ୍ଷକ କହିଛନ୍ତି। ପୂର୍ବରୁ ଅନେକ ରୋଗୀ ବୋନ ମ୍ୟାରୋ ପ୍ରତିରୋପଣ ପାଇଁ ବାହାରକୁ ଯାଇ ଅଧିକ ଖର୍ଚ୍ଚାନ୍ତ ହେଉଥିଲେ। ଏବେ ଓଡ଼ିଶାରେ ଏହି ସୁବିଧା ମିଳୁଥିବାରୁ ଉପକୃତ ହେଉଛନ୍ତି ରୋଗୀ।

ଡ.ଅଚ୍ୟୁତ ସାମନ୍ତଙ୍କୁ ୫୭ତମ ସମ୍ମାନସୂଚକ ଡକ୍ଟୋରେଟ୍

ଭୁବନେଶ୍ୱର, ୨୪।୪:ନ୍ୟୁଜ୍‌ବ୍ୟୁରୋ
ରାଜସ୍ଥାନ ଜୟପୁରର ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିକ୍ଷାବିତ୍ ଓ ସମାଜସେବୀ ଡ. ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ (ଡକ୍ଟୋରେଟ୍ ଅଫ୍ ସାଇନ୍‌ସ) ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟର ୧୪ତମ ସମାବର୍ତ୍ତନ ଉତ୍ସବ ଅବସରରେ ବୁଧବାର ମୁଖ୍ୟଅତିଥି କିରଣ ବେଦୀଙ୍କ ଉପସ୍ଥିତିରେ ଡ. ସାମନ୍ତଙ୍କୁ ଏହି ସମ୍ମାନସୂଚକ ଡକ୍ଟୋରେଟ୍ ପ୍ରଦାନ କରାଯାଇଛି । ଡ. ସାମନ୍ତ ଆଭାସୀରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ତାଙ୍କ ପ୍ରତିନିଧି ମହିଳା ବିଶ୍ୱବିଦ୍ୟାଳୟରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏହା ହେଉଛି ଡ. ସାମନ୍ତଙ୍କ ୫୭ତମ ସମ୍ମାନସୂଚକ ଡକ୍ଟୋରେଟ୍। ଶିକ୍ଷା, ସମାଜସେବା ସହ ମହିଳା ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଜୟପୁରର ମହିଳା ବିଶ୍ୱବିଦ୍ୟାଳୟ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛି। କୌଣସି ମହିଳା ବିଶ୍ୱବିଦ୍ୟାଳୟରୁ ପ୍ରଥମ ଥର ଲାଗି ଡ. ସାମନ୍ତ ଏହି ସମ୍ମାନସୂଚକ ଡକ୍ଟୋରେଟ ହାସଲ କରିଛନ୍ତି। ଏହି ସମ୍ମାନରେ ଖୁସି ବ୍ୟକ୍ତ କରିବା ସହ ଡ. ସାମନ୍ତ ଜୟପୁରର ମହିଳା ବିଶ୍ୱବିଦ୍ୟାଳୟକୁ ଧନ୍ୟବାଦ ଜଣାଇଛନ୍ତି। ଏହି ସମ୍ମାନକୁ ଡ. ସାମନ୍ତ ନିଜ ମାଆ ନୀଳିମାରାଣୀ ତଥା କିଟ୍ ଓ କିସ୍‌ର ଶିକ୍ଷୟିତ୍ରୀ, ଅଧ୍ୟାପିକା ଏବଂ ମହିଳା ପ୍ରଶାସନିକ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ।



ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !
ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

ନିର୍ବାଚନ ହାରୁଥିବା ଜାଣି ମିଛ ଅଭିଯୋଗ ଆଣିଛି ବିଜେପି: ବିଜେଡି

ଭୁବନେଶ୍ୱର, ୨୪/୦୪ ନ୍ୟୁଜ ବ୍ୟୁରୋ
ଓଡ଼ିଶା ଭାରତୀୟ ଜନତା ପାର୍ଟିର ନେତାମାନେ ଯେତେବେଳେ ନିର୍ବାଚନ ହାରୁଥିବା ଅନୁଭବ କରନ୍ତି, ସେତେବେଳେ ସେମାନେ ବିନା କୌଣସି ତଥ୍ୟ ଆଧାରରେ ମିଛ, ଭିତିହୀନ ଏବଂ ନିରାଧାର ଅଭିଯୋଗ ଆଣନ୍ତି, ଯାହା ସେମାନଙ୍କର ଅଭ୍ୟାସ। ୨୦୧୯ ମସିହାରେ ମଧ୍ୟ ଏଭଳି ତଥାକଥିତ ଚାର୍ଜଶିଟ୍ ଓଡିଶା ବିଜେପି ପକ୍ଷରୁ ଅଣାଯାଇଥିଲା, ଯେତେବେଳେ ସେମାନେ ବୁଝିଯାଇଥିଲେ ଯେ, ଅତି ଦୟନୀୟ ଭାବେ ସେମାନେ ହାରିବାକୁ ଯାଉଛନ୍ତି ବୋଲି କହିଛନ୍ତି ବିଜେଡି ନେତ୍ରୀ ଡକ୍ଟର ଲେଖାଶ୍ରୀ ସାମନ୍ତସିଂହାର । ଡକ୍ଟର ସାମନ୍ତସିଂହାର ଗୁରୁବାର ଏଠାରେ ଗଣମାଧ୍ୟମକୁ କହିଛନ୍ତି ଯେ ୨୦୨୪ରେ ମଧ୍ୟ ସେମାନେ ଅତି ଶୋଚନୀୟ ଭାବେ ହାରିବାକୁ ଯାଉଥିବା ଜାଣିସାରିଲେଣି। ଆଉ ସେଥିପାଇଁ ସେମାନେ ବିନା କୌଣସି ତଥ୍ୟ ପ୍ରମାଣ ଆଧାରରେ ଏଭଳି ମିଛ, ଭିତିହୀନ ଏବଂ ନିରାଧାର ଅଭିଯୋଗ ମାନ ଆଣିଛନ୍ତି। କିଛି ଉଦାହରଣ ଉପରେ ନଜର ପକାନ୍ତୁ, କିଭଳି ଚାର୍ଜଶିଟ୍ ନାଁରେ ଭିତିହୀନ ଏବଂ କପୋଳକଳ୍ପିତ କଥା ଉଲ୍ଲେଖ କରାଯାଇଛି। କେନ୍ଦ୍ରୀୟ ସଂସ୍ଥାର

ରିପୋର୍ଟ ଅନୁସାରେ, ଦେଶରେ ଓଡିଶା ଏକମାତ୍ର ରାଜ୍ୟ, ଯେଉଁଠି ଚାଷୀଙ୍କ ଆୟ ଦୁଇଗୁଣା ହୋଇଛି। ହେଲେ ଓଡିଶାକୁ କୃଷି କ୍ଷେତ୍ରରେ ସମାଲୋଚନା କରାଯାଉଛି। କେନ୍ଦ୍ରୀୟ ସଂସ୍ଥାର ରିପୋର୍ଟ ଅନୁସାରେ, ଦେଶରେ ସବୁଠାରୁ କମ୍ ବେକାରୀ ହାର ଓଡିଶାରେ। ହେଲେ ମିଛ ତଥ୍ୟ ଉପସ୍ଥାପନ କରାଯାଇ, ଓଡିଶାର ଛବିକୁ ମଳିନ କରିବାକୁ ଚେଷ୍ଟା କରାଯାଉଛି । ମହିଳା ସୁରକ୍ଷା ନେଇ ସେମାନେ ଓଡିଶାକୁ ସମାଲୋଚନା କରୁଛନ୍ତି ଯେତେବେଳେ ବିଜେପି ଶାସିତ ରାଜ୍ୟ ଗୁଡିକରେ ମହିଳାଙ୍କ ବିରୋଧରେ ଅପରାଧ ସଂଖ୍ୟା ଓଡିଶା ତୁଳନାରେ ଢେର୍ ଅଧିକ। ନିଜ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ରାଜ୍ୟର ଛବିକୁ ମଳିନ କରିବା ଓଡିଶା ବିଜେପିର ପୁରୁଣା ଅଭ୍ୟାସ। ବର୍ତ୍ତମାନର ଓଡିଶା ବିଜେପି ସଭାପତି ମନମୋହନ ସାମଲଙ୍କର ନୂଆଦିଲ୍ଲୀ ସ୍ଥିତ ଓଡିଶା ନିବାସର କେଲେଙ୍କାରୀ ବାବଦରେ ସମସ୍ତେ ଜାଣିଛନ୍ତି, ଯେଉଁଥିପାଇଁ ୨୦୦୮ରେ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରାଯାଇଥିଲା। ଏଭଳି ଜଣେ ବ୍ୟକ୍ତି ଯଦି ଓଡିଶା ବିଜେପିର ସଭାପତି ଭାବେ ଦାୟିତ୍ୱ ତୁଲାଇବେ, ତେବେ ଦଳ ଭିତରେ ମହିଳା କେତେ ସୁରକ୍ଷିତ, ଏଥିରୁ ବୁଝିଯାଆନ୍ତୁ। ସମସ୍ତେ ଜାଣିଛନ୍ତି ଓଡ଼ିଶାର ହାଇସ୍କୁଲ ଗୁଡ଼ିକର ଶ୍ରେଣୀ ଗୃହ, ଓଡିଶାରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ଶ୍ରେଣୀ ଗୃହଠାରୁ ଯଥେଷ୍ଟ ଉନ୍ନତ ମାନର। ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଅଛନ୍ତି, କିନ୍ତୁ ନିଜ ଗାଁରେ ଗୋଟିଏ ବି ସ୍ମାର୍ଟ କ୍ଲାସରୁମ୍ କରିବାରେ ବିଫଳ ହୋଇଛନ୍ତି। ଅନ୍ୟପଟେ ଓଡ଼ିଶା ସରକାର ରାଜ୍ୟରେ ୭୦୦୦ ସ୍କୁଲର ରୂପାନ୍ତରଣ କରିଛନ୍ତି। କେନ୍ଦ୍ର ସରକାର ସ୍ୱୀକାର କରିଛନ୍ତି ଯେ, ଗତ ଦୁଇ ବର୍ଷ ଧରି ବିତ୍ତୀୟ ପରିଚାଳନାରେ ଓଡିଶା ଶ୍ରେଷ୍ଠ ରାଜ୍ୟ ତଥାପି, ଏଭଳି ମିଛ ଦସ୍ତାବିଜ ଉପସ୍ଥାପନ କରାଯାଇ, ରାଜ୍ୟର ଛବିରେ ଆଞ୍ଚ ଅଣାଯାଉଛି। ବିଦ୍ୟୁତୀକରଣ ସମ୍ପର୍କରେ ମଧ୍ୟ ମିଛ କୁହାଯାଇଛି । ଗୋଟିଏ ରାଜ୍ୟରୁ ଆଉ ଏକ ରାଜ୍ୟକୁ ବିଦ୍ୟୁତ୍ ଯୋଗାଣ କରାଯାଇପାରିବ ନାହିଁ। ଏହା କେବଳ କେନ୍ଦ୍ରର ନିଷ୍ପତ୍ତି ଦ୍ୱାରା ସମ୍ଭବ । ଏ କ୍ଷେତ୍ରରେ ମଧ୍ୟ ଓଡ଼ିଶାକୁ ମିଛରେ ରାଜ୍ୟ ବିଜେପି ଟାର୍ଗେଟ୍ କରୁଛି। ସମସ୍ତେ ଜାଣନ୍ତି ନିଜ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଧର୍ମେନ୍ଦ୍ର ପ୍ରଧାନ ମିଛ ଅଭିଯୋଗ କରିବାରେ ଓ ସମ୍ବେଦନଶୀଳ ପ୍ରସଙ୍ଗକୁ ରାଜନୀତିକରଣ କରିବାରେ ମାହିର। ସେ ଶିଶୁଙ୍କ ଅପରାଧ ହେଉ ଅବା ମହିଳାଙ୍କ କ୍ଷେତ୍ରରେ ଘଟୁଥିବା ଅପରାଧ। ଏଭଳି ନେତାଙ୍କୁ ପ୍ରଶ୍ରୟ ଦେଉଥିବା ଦଳ ଅନ୍ୟକୁ ଉପଦେଶ ଦେବାର କୌଣସି ନୈତିକତା ନାହିଁ। ଏଭଳି ଭିତିହୀନ ଏବଂ ମିଛ କହିବାକୁ ଅନେକ ବିରୋଧ କରିଥିବା କଥା ମୁଁ ଦଳରେ ଥିବା ସମୟରୁ ଜାଣିଥିଲି। ହେଲେ ସେତେବେଳେ ସେମାନେ ଚାପ ସୃଷ୍ଟି କରିବା ସହ କହୁଥିଲେ, ଆମେ ନିର୍ବାଚନ ହାରିବାକୁ ଯାଉଛୁ, ତେଣୁ ଏଭଳି କରିବାକୁ ହିଁ ପଡିବ। ପୁଣି ଥରେ ଏହାକୁ ଦୋହରାଇବା କିଛି ଆଶ୍ଚର୍ଯ୍ୟର କଥା ନୁହେଁ କାରଣ ଓଡିଶା ବିଜେପି ଭଲ ଭାବେ ଜାଣିଛି, ୨୦୨୪ ନିର୍ବାଚନ ସେମାନେ ହାରିବାକୁ ଯାଉଛନ୍ତି। ଏଭଳି ମିଛ ଏବଂ ଭିତିହୀନ ଅଭିଯୋଗ ଆଣିବାର ଅଭ୍ୟାସ ପାଇଁ ହିଁ ଓଡିଶା ବିଜେପି ଓଡିଶାରେ ଆଗକୁ ବଢିପାରୁନାହିଁ ବୋଲି ଡକ୍ଟର ସାସନ୍ତ ସିଂହାର କହିଛନ୍ତି ।

ପୁଣି ନକଲି ସାମଗ୍ରୀ ଠାବ : ୧୬ଟି ପେଟିରେ ଥିବା ୧୦୦ ଲିଟର ନକଲି ତେଲ ଜବତ

କଟକ, ୨୪।୪:ନ୍ୟୁଜ୍‌ବ୍ୟୁରୋ

କଟକରେ ପୁଣି ଧରା ପଡିଛି ନକଲି କାରବାର। ପଟ୍ଟାପୋଲରେ ୫ ବର୍ଷ ଧରି ଚାଲିଥିବା ଏକ ନକଲି ପୂଜା ତେଲ କାରଖାନାରେ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ଚଢ଼ଉ କରିଛି। ଏହି କାରଖାନାର ମାଲିକ କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ପଟ୍ଟାପୋଲ ତନ୍ତି ସାହିର ଇ. ଜନାର୍ଦ୍ଦନ ନାଇଡୁ(୩୧)କୁ ପୁଲିସ ଗିରଫ କରିଛି। ଏହି ଫ୍ୟାକ୍ଟ୍ରିରୁ ୧୦୦ ଲିଟର ନକଲି ତେଲ ଜବତ ହୋଇଛି। ସୂଚନା ଅନୁଯାୟୀ, ପଟ୍ଟାପୋଲ ତନ୍ତିସାହିରେ ଜନାର୍ଦ୍ଦନ ଏକ ନକଲି ପୂଜା ତେଲ ଫ୍ୟାକ୍ଟ୍ରି ଖୋଲିଥିଲା। ୨୦୧୯ରୁ ଏହି ଫ୍ୟାକ୍ଟ୍ରି ଖୋଲିଥିଲା। କିନ୍ତୁ ଏଥିପାଇଁ କୌଣସି ଟ୍ରେଡ୍ ଲାଇସେନ୍ସ ସେ ସିଏମ୍‌ସିରୁ ଆଣି ନଥିଲା। ସମ୍ପୂର୍ଣ୍ଣ ବେଆଇନ ଭାବେ ଏହି ତେଲ ଫ୍ୟାକ୍ଟ୍ରି ଚଳାଉଥିଲା। ତେଲ ଫ୍ୟାକ୍ଟ୍ରି ପାଇଁ ତେଲ ଡବା ବାଲେଶ୍ୱର ଜିଲ୍ଲାରୁ ଆମଦାନୀ କରୁଥିଲା। ଏଥିରେ ପାମ୍ ଅଏଲ୍ ସମେତ ଅନ୍ୟାନ୍ୟ ଭେଜାଲ ସାମଗ୍ରୀ ମିଶାଇ ପୂଜା ତେଲ ପ୍ରସ୍ତୁତ କରୁଥିଲା। ଏ